## ସଂକ୍ଷେପରେ

### ଚୋରା ଶାଳ ସାଇଜ ସହ ଅଟୋ ଜବତ, ଜଣେ ଗିରଫ

ଦଶପଲ୍ଲା ୩୦।୧୦ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ଶିମିଳିସାହି ଛକରୁ ରବିବାର ରାତିରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଅଟୋକୁ ଜବତ କରିବା ସହ ୨୭ ଖଣ୍ଡ ଶାଳ ସାଇଜ କାଠକୁ ଜବତ କରାଯାଇଛି। ଏଥିସହ ଅଟୋ ଡ୍ରାଇଭର ସୁରେନ୍ଦ୍ର ପ୍ରଧାନକୁ ମଧ୍ୟ ଗିରଫ କରାଯାଇଥିବା ବନ ବିଭାଗ ରେଞ୍ଜର ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି। ରାତିରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଏକ ଅଟୋ ଯାଉଥିବା ବେଳେ ସାକେଣୀ ଫରେଷ୍ଟର ପ୍ରଭାତ ମଲ୍ଲିକ ଏବଂ ଫରେଷ୍ଟର ଗାର୍ଡ କିଶୋର ମଲ୍ଲିକ ସମେତ ମୋବାଇଲ ପାର୍ଟି ଚଢାଉ କରି ତାହାକୁ ଜବତ କରିଥିଲେ। ଗିରଫ ଡ୍ରାଇଭରକୁକୋର୍ଟକୁଚାଲାଣ କରାଯାଇଥିବା ଗାଡ଼ି ଓ କାଠକୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

### ରାମଲୀଳା କଳାକାରଙ୍କ ପରଲୋକରେ ସ୍ମୃତିଚାରଣ

ଖଣ୍ଡପଡା,୩୦।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ରଘୁନାଥ ଜୀଉ ନାଟ୍ୟ ସଂସଦର ମାଟି କଳାକାର ତଥା ମୂର୍ତ୍ତି କାରିଗର ପ୍ରତାପ କୁମାର ସାହୁଙ୍କ ୧୯ ତାରିଖରେ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ଦଶାହ ଅବସରରେ ରାମଲୀଳା କମିଟିର ସଦସ୍ୟମାନେ ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ମୃତି ଚାରଣ ସଭା ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କଳାକାର ଶରତ ଚନ୍ଦ୍ର ସାହୁ, ଭିକାରୀ ଚରଣ ସାହୁ, ବାଇଧର ସାହୁ, ପ୍ରଭାତ କୁମାର ସାହୁ, ଅଜୟ କୁମାର ସାହୁ, ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ରାମଲୀଳା କଳାକାର ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଗୁଣାବଳୀକୁ ସ୍ମରଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ।

### ହଟକେଶ୍ୱର ପାଠାଗାର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୩୦।୧୦(ଅଜୟ କୁମାର ମହାରଣା)

ଶାରଦୀୟ ପୂଜା ଉପଲକ୍ଷେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତ ଢୋଲମରା ପଞ୍ଚାୟତସ୍ଥିତ ବଡସାହି ହଟକେଶ୍ୱର ପାଠାଗାର ପକ୍ଷରୁ ଏକ ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୁପେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତବାଲା ମହାନ୍ତି, ବିଶିଷ୍ଟ ଅତିଥି ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ମୁଖ୍ୟବକ୍ତା ଭାବେ କିଆଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାର ସିଂ, ସମ୍ମାନୀତ ଅତିଥି ବୋଲଗଡ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ବୈରାଗୀ ଟାଟା, ଜନ୍ମେଜୟ ନାୟକ, ସର୍ବେଶ୍ୱର ସ୍ୱାଇଁ, ସଦାନନ୍ଦ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଉତ୍ପଳ କୁମାର ସାହୁ । ଅନୁଷ୍ଠାନର ସଭାପତି ନୀଳମଣି ପରିଡା, ସମ୍ପାଦକ ଚିନ୍ତାମଣି ପାଳ ଓ ସଦସ୍ୟମାନେ ଆୟୋଜିତ ୩ ଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କୁନି କୁନି ପିଲା ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନଭରି ଉପଭୋଗ କରିଥିଲେ ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଚିକିଟି,୩୦।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ବିରସିଂହ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ସୋମବାର ସୀମାଞ୍ଚଳ ପ୍ରଧାନ (୩୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏକ ସପ୍ତାହ ତଳେ ସୀମାଞ୍ଚଳ ନିଜ ଘରେ ବାନ୍ତିକରି ଅଚେତ ହୋଇଯିବାରୁ ପରିବାର ଲୋକେ ବ୍ରହ୍ମପୁର ବଡମେଡିକାଲରେ ଭର୍ତ୍ତି କରିଥିଲେ। ସପ୍ତାହ ଧରି ଚିକିତ୍ସାଧୀନ ଚାଲିଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡମେଡିକାଲ ଫାଣ୍ଡି ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ବୁରୁଦେଇବାସୀଙ୍କୁ ଚୁଆପାଣି ଭରସା

- ଗାଁରେ ଗୋଟିଏ ନଳକୂଅରୁ ବାହାରୁଛି ନାଲିପାଣି
- ପ୍ରଶାସନ ଶୁଣୁନି, ଭୋଟ ବର୍ଜନ କରିବେ ଗ୍ରାମବାସୀ

ନୂଆଗାଁ, ୩୦।୧୦ (ଧନେଶ୍ୱର ସାହୁ)







ଲୋକେ ଚୂଆରୁ ପାଣି ନେବା ପାଇଁ ଆସିଛନ୍ତି। ନଳକୂଅରୁ ବାହାରୁଛି ନାଲି ରଙ୍ଗର ତେଲିଆ ପାଣି। ଗ୍ରାମରେ ଥିବା ଗୋଟିଏ ନଳକୂଅ।

ସ୍ୱାଧୀନତାର ୭୫ ବର୍ଷ ପରେ ବି ପାନୀୟ ଜଳ ଯୋଗାଣ ଅଭାବରୁ ନଦୀର ଚୁଆପାଣିକୁ ଗ୍ରାମବାସୀ ଭରସା କରି ଚଳୁଛନ୍ତି। ଆମେ ଭୋଟ ଦେଇ ଜନପ୍ରତିନିଧିଙ୍କୁ ନିର୍ବାଚିତ କରୁଥିଲେ ମଧ୍ୟ ସେମାନେ ଆମ ଦୁଃଖ ଶୁଣୁ ନାହାନ୍ତି। ତେଣୁ ଆଗାମୀ ନିର୍ବାଚନରେ ଆମେ ଭୋଟ ଦେବୁ ନାହିଁ ବୋଲି କହିଛନ୍ତି ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ବୁରୁଦେଇ ଗ୍ରାମବାସୀ।

ନୟାଗଡ ଜିଲା ନୂଆଗାଁ ବ୍ଲକର ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଞ୍ଚାୟତ ବୁରୁଦେଇ ଗ୍ରାମରେ ପ୍ରାୟ ୭୦ ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ବ୍ୟବହାର ନିମନ୍ତେ ରହିଛି ଗୋଟିଏ ମାତ୍ର ନଳକୂପ। କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ନଳକୂପଟି ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ। ସେଥିରୁ ନାଲି ରଙ୍ଗର ପାଣି ବାହାରୁଛି ଏବଂ ସେହି ପାଣିକୁ କିଛି ସମୟ ରଖି ଦେବା ପରେ ସେଥିରେ ତେଲ ଭଳି ଏକ ଆସ୍ତରଣ ପଡିଯାଉଛି। ଏପରିକି ଭାତ ରୋଷେଇ କଲେ ସେସବୁ ନାଲି ପଡିଯାଉଛି। ତେଣୁ ବୁରୁଦେଇ ଗ୍ରାମର ମହିଳାପୁରୁଷମାନେ ଗ୍ରାମଠାରୁ ୫୦୦ମିଟର ଦୂରରେ ଥିବା ହାତୀଗଣ୍ଡ ନଦୀରେ ଚୂଆ କରି ସେଥିରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଖରା ବର୍ଷା ଶୀତ ବର୍ଷସାରା ନଦୀ ଚୂଆ ପାଣିକୁ ଭରସା କରି ଲୋକେ ଚଳୁଛନ୍ତି। ଏପରିକି ନଦୀର ଆଣ୍ଠୁଏ ପାଣିରେ ପଶି ପାଣି ଆଣିବାକୁ ପଡେ। ବୁରୁଦେଇ ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଗ୍ରାମର ସନାତନ ପ୍ରଧାନ, ପବିତ୍ର ଜାନି, ମୋହନ ଜାନି, କୁସ ଜାନିପ୍ରମୁଖ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ଶୁଣୁନାହିଁ। ତେଣୁ ଆମେ ଆଗାମୀ ନିର୍ବାଚନରେ କାହାରିକୁ ଭୋଟ ଦେବା ପାଇଁ ଯିବୁନାହିଁ ବୋଲି ରୋକଠୋକ୍ ଶୁଣାଇଛନ୍ତି।

ଅନ୍ୟପକ୍ଷେ ପ୍ରତି ଗାଁକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ଲକ ଓ ପଞ୍ଚାୟତ ସ୍ତରରେ ବାରମ୍ବାର ଆଲୋଚନା କରାଯାଉଛି। ଗ୍ରାମ ଜଳଯୋଗାଣ ବିଭାଗ, ପଞ୍ଚାୟତ, ବ୍ଲକ ଆଦି ପକ୍ଷରୁ ଅନେକ ଅନୁଦାନ ଦିଆଯାଉଥିଲେ ମଧ୍ୟ ପାଣି ସମସ୍ୟା ଦୂର ହେଉନାହିଁ। ଫଳରେ ପ୍ରତି ବୈଠକରେ ପାନୀୟ ଜଳ ସମସ୍ୟା ନେଇ ଜନ ପ୍ରତିନିଧିମାନେ ହୋହାଲ୍ଲା କରୁଛନ୍ତି। ମେଗା ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଣିର ସମସ୍ୟା ରହିବ ନାହିଁ ବୋଲି କହି ଲୋକଙ୍କୁ ବ୍ଲକ ପ୍ରଶାସନ ଠକି ଚାଲିଛନ୍ତି। ଏ ସମ୍ପର୍କରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ପାନୀୟ ଜଳ ଯୋଗାଇବାକୁ ସ୍ୱତନ୍ତ୍ର ଅଫିସ୍ ଅଛି। କିନ୍ତୁ ସେମାନେ କାର୍ଯ୍ୟ ସୂଚାରୁରୂପେ ତୁଲାଉ ନାହାନ୍ତି। ଗ୍ରାମବାସୀ ଲିଖିତ ଭାବେ ଜଣାଇଲେ ଆମେ ତାହାର ସମାଧାନ କରିବୁ ବୋଲି ସେ କହିଛନ୍ତି।

## ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ସୁବର୍ଣ୍ଣ ଜୟନ୍ତୀ



ଅତିଥିମାନେ କୃତୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଖଣ୍ଡପଡା.୩୦।୧୦(ଅଜୟ କୁମାର ମହାରଣା)

କଣ୍ଟିଲୋ ପାଣ୍ଡୁସାହୁ ପାଟଣାଠାରେ ୧୨ ଦିନ ବ୍ୟାପୀ ଅନୁଷ୍ଠିତ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଶେଷ ହୋଇଛି। ଉକ୍ତ ଗ୍ରାମରେ ୧୯୭୪ଠାରୁ ଦୀର୍ଘ ୪୯ ବର୍ଷ ଧରି ଏହି ମହାଯଜ୍ଞ ପାରମ୍ପରିକ ରୀତିରେ ଦଶହରା ସମୟରେ ଅନୁଷ୍ଠିତ ହୋଇ ଆସୁଛି। ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ଦିବସ ଅବସରରେ ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟବକ୍ତା ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଅନ୍ୟତମ ଅତିଥି ଭାବେ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ପ୍ରମୁଖ ଯୋଗଦେଇ ଅଞ୍ଚଳବାସୀଙ୍କ ଚେଷ୍ଟାରେ ଏପରି ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦୀର୍ଘ ୫୦ବର୍ଷ ଧରି ଜାରି ରହିଥିବାରୁ ସ୍ଥାନୀୟ ଅଞ୍ଚଳର ଏକତା ତଥା ଭାଇଚାରାକୁ ସୁଦୃଢ଼ କରିବାରେ ସକ୍ଷମ ହୋଇଥିବାରୁ ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇଥିଲେ। ଅପର ପକ୍ଷରେ ପରିବେଶ ପ୍ରତି ଯତ୍ନବାନ ହେବା ସହ ଅଶ୍ୱତ୍ଥ ବୃକ୍ଷ ବହୁ ପରିମାଣରେ ଅମ୍ଳଜାନ ପ୍ରଦାନ କରୁଥିବାରୁ ଏହି ବୃକ୍ଷକୁ ବହୁଳ ପରିମାଣରେ ରୋପଣ ପାଇଁ ମୁଖ୍ୟ ଅତିଥି ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ପରେ ସ୍ଥାନୀୟ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ ଅତିଥି ଅଶ୍ରୁମୋଚନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ କମେଡି ପରିବେଷଣ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଅବସରରେ ୨ ଦିନ ଧରି ଗ୍ରାମବାସୀଙ୍କ ପକ୍ଷରୁ ସାମାଜିକ ନାଟକ 'ଅସତୀ ତୁଳସୀ, ସତୀ ଚଉରା' ଓ 'ଭୁଲ ତୋର, ଭୋଗୁଛି ମୁଁ' ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତିଙ୍କ ସମେତ ସମ୍ପାଦକ ବନମାଳୀ ସାହୁ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାରଣା, ସଦସ୍ୟ ସ୍ୱରୂପ ବିକାଶ ମିଶ୍ର, ମାନଗୋବିନ୍ଦ ବେହେରା, ପ୍ରଶାନ୍ତ ଦଳେଇ, ତ୍ରିନାଥ ସାମଲ, ଅଖିଳ କୁମାର ସାହୁ, ଅଭିମନ୍ୟୁ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ପ୍ରକାଶ ସାହୁ, ଅଖିଳ କୁମାର ସାହୁ, ମନୋରଞ୍ଜନ କର ବିଶେଷ ନେହେରୁ ପାଟଣା, କୁଞ୍ଜ ବିହାରୀପୁର ପାଟଣା ସହ ପାଣ୍ଡୁସାହୁପାଟଣା ଗ୍ରାମବାସୀଙ୍କ ମିଳିତ ସହଯୋଗ କ୍ରମେ କାର୍ଯ୍ୟକ୍ରମଟି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ସଭାପତି ସାହୁ କୃତଜ୍ଞତା ଜଣାଇଥିଲେ।

## ଜେଲ ଗଲେ ୪ ଅଭିଯୁକ୍ତ

ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ବୋମା ପକାଇବା ଓ ଗୁଳି କରିବା ଅଭିଯୋଗରେ ଶରଧାପୁର ଗାଁର ସୁମନ୍ତ ମହାରଣା(୩୨) ଓ ତାପସ ନାୟକ(୨୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ପୂର୍ବ ଶତ୍ରୁତାକୁ ନେଇ ଅକ୍ଟୋବର ୪ ରାତି ୧୧ଟା୧୫ରେ ତାପସ, ସୁମନ୍ତଙ୍କ ସମେତ ୫ଜଣ ଶରଧାପୁର ଗାଁର ଶାନ୍ତିଲତାଙ୍କ ଘରଉପରକୁ ବୋମାମାଡ କରିଥିଲେ। ଏପରିକି କବାଟକୁ ଗୁଳିକରି ଭୟଭୀତ କରାଇ ଥିଲେ। ପରେ ଛାତରେ ଚଢ଼ି ଘର ଭିତରେ ପଶି ସୁନା ହାର ଚୋରାଇ ନେଇଥିଲେ। ଅଭିଯୋଗ ପରେ ପୋଲିସ ନଂ.୨୦୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### କବାଟକୁ ଗୁଳିକରି ବୋମା ପକାଇ ଚୋରି ମାମଲା



ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଥିଲା। ପୋଲିସ କନ୍ଧମାଳ ଜିଲା ଚକାପାଦରୁ ଉଭୟଙ୍କୁ ଗିରଫ କରିଥିଲା।

## କାର୍ତ୍ତିକ ମାସ ଆରମ୍ଭରେ ପରିବା ଦର ଆକାଶଛୁଆଁ

ଖଣ୍ଡପଡା,୩୦।୧୦(ଅଜୟ କୁମାର ମହାରଣା)

କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ଖଣ୍ଡପଡ଼ା ଅଞ୍ଚଳରେ ପରିବା ଦର ଆକାଶ ଛୁଆଁ ହୋଇଯାଇଛି। ଫଳରେ ବଜାରକୁ ପନିପରିବା କିଣିବାକୁ ଆସୁଥିବା ଖାଉଟିମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, ବାହାଡ଼ା, ଖଳିସାହି ଓ ଖଣ୍ଡପଡ଼ା ବଜାରରେ ପରିବା ଦୋକାନୀମାନେ ଚଢ଼ାଦରରେ ଗ୍ରାହକମାନଙ୍କୁ ପନିପରିବା ବିକ୍ରି କରୁଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଅନିୟମିତ ବୃଷ୍ଟିପାତ, ଲଗାଣ ବର୍ଷା ସାଙ୍ଗକୁ ଋତୁଚକ୍ର ପରିବର୍ତ୍ତନ ପ୍ରଭାବରେ ବଜାରରେ ପରିବା ଦର ଆକାଶ ଛୁଆଁ ହୋଇଛି । ଏଥିଯୋଗୁ ଖାଉଟିମାନେ କାର୍ତ୍ତିକ ମାସ ଯୋଗୁ ପରିବା ପତ୍ର ପାଇଁ ହନ୍ତସନ୍ତ ହେଉଛନ୍ତି। ବଜାରରେ ଏବେ ପିଆଜ ଦର କିଲୋ ପ୍ରତି ୭୦ ଟଙ୍କା ଥିବା ବେଳେ ଖମ୍ବଆଳୁ ୮୦ ଟଙ୍କା, ପାଣି ଆଳୁ ୧୨୦ ଟଙ୍କା, ଜହ୍ନି ୭୦ ଟଙ୍କା, କଲରା ୬୦ ଟଙ୍କା, ଗୁଆଁର ୮୦ ଟଙ୍କା, ପୋଟଳ ୭୦ ଟଙ୍କା,ଫୁଲକୋବି ୮୦ ଟଙ୍କା, କଞ୍ଚା ଲଙ୍କା ୧୪୦ରୁ ୧୫୦ ଟଙ୍କା, କାକୁଡି, ଝୁଲଣ କେଜି ପ୍ରତି ୭୦ ଟଙ୍କା, କଞ୍ଚା କଦଳୀ ଗୋଟାକୁ ୧୦ରୁ ୧୫ ଟଙ୍କା ଓ କୋଶଳା ଶାଗ ବିଡା ୧୦ ଟଙ୍କା, ଛୋଟ କାଙ୍କଡ ୧୫୦ ଟଙ୍କା, ଟମାଟୋ ୪୦ ଟଙ୍କା, ବିନ ୧୦୦ ଟଙ୍କା, ବଡ଼ କାଙ୍କଡ ୯୦ ଟଙ୍କାରେ କିଲୋ ଦରରେ ବିକ୍ରି ହେଉଛି। ସେହିପରି ସାରୁ କେଜି ପ୍ରତି ୬୦ ଟଙ୍କା ଓ ପାଲୁଅ କେଜି ପ୍ରତି ୮୦ ଟଙ୍କାରେ ବିକ୍ରି ହେଉଥିବା ଗ୍ରାହକ ଅଭିଯୋଗ କରିଛନ୍ତି। କାର୍ତ୍ତିକ ମାସରେ ଅଧିକାଂଶ ବ୍ୟକ୍ତି ନିରାମିଶ ଭୋଜନ ଉପରେ ନିର୍ଭର କରୁଥିବା ବେଳେ ପରିବା ଦର ବୃଦ୍ଧି ଖାଉଟି ଓ ହବିଷିଆଳିମାନଙ୍କ ପାଇଁ ମୁଣ୍ଡବଥାର କାରଣ ପାଲଟିଛି। କେତେକ ମୁନାଫା ଖୋର ବ୍ୟବସାୟୀ ମନଇଚ୍ଛା ପନିପରିବା ଦର ବୃଦ୍ଧି କରି ଖାଉଟିଙ୍କୁ ଶୋଷଣ କରୁଥିବା ସାଧାରଣରେ ଅଭିଯୋଗ ହେଉଛି।

## ୫ରୁ ୧୨ତମ ଓଡ଼ଗାଁ ଓପନ୍ ରାପିଡ୍ ଚେସ ଟୁର୍ନାମେଣ୍ଟ

ଓଡ଼ଗାଁ, ୩୦।୧୦(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ ଜିଲା ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୫ ନଭେମ୍ବରରୁ ୧୨ତମ ଓଡ଼ଗାଁ ଓପନ୍ ରାପିଡ୍ ଚେସ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସୋମବାର ଆସୋସିଏଶନ ସଭା ଗୃହରେ ସମ୍ପାଦକ ଦିବକାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ଚେସ ଖେଳାଳି ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏଥିରେ ଚେସ ଖେଳ ଓ ଚେସ ଖେଳାଳିଙ୍କୁ ଉତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଏହାସହ ୫ ତାରିଖରେ ଆୟୋଜିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଓପନ୍ ଚେସ ଟୁର୍ନାମେଣ୍ଟ ନିମନ୍ତେ ଆଗ୍ରହୀ ଖେଳାଳି ଦିବାକାର ନାୟକଙ୍କୁ ୪ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ କୁହାଯାଇଛି। ଖେଳାଳି ରହିବା, ଖାଇବା ସୁବିଧା ଉପଲବ୍ଧ ହେବା ସହ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ବ୍ୟବସ୍ଥା କରାଯାଇଥିବା ସମ୍ପାଦକ ନାୟକ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ତୀର୍ଥଯାତ୍ରାରେ ଗଲେ ୧୫୦ ବରିଷ୍ଠ ନାଗରିକ



ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରୁ ୧୫୦ ବରିଷ୍ଠ ନାଗରିକ ତିର୍ଥଯାତ୍ରାରେ ସୋମବାର ଯାଇଛନ୍ତି। ସରକାରଙ୍କ ପକ୍ଷରୁ ମାଗଣାରେ ଏମାନଙ୍କୁ ୬ଦିନ ପାଇଁ ଦକ୍ଷିଣ ଭାରତକୁ ତୀର୍ଥଯାତ୍ରା କରିବାକୁ ବ୍ୟବସ୍ଥା କରାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଦୀଲିପ ବଳ, ଉପଜିଲାପାଳ ଶକ୍ତିକାନ୍ତ ରାୟ ଉଦ୍‌ଘାଟନ କରିବା ପରେ ୩ଟି ବସ ଯାତ୍ରା ଆରମ୍ଭ କରିଛି। ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ ଓ ଜିଲା ପର୍ଯ୍ୟଟନ ଅଧିକାରୀ ଉପସ୍ଥିତ ଥିଲେ।


**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, गोड्डा**

**ई–प्रोक्योरमेंट सूचना**

ई–निविदा सूचना सं० – RCD/GODDA/1344/2023-24 दिनांक– 30/10/2023

1. निविदा आमंत्रित करने वाले अधिकारी के कार्यालय का नाम, पता एवं मो0 नं0 – कार्यपालक अभियंता, प0नि0वि0, पथ प्रमण्डल, गोड्डा मो0 नं0– 8987675852
2. वेबसाईट में ई–निविदा प्रकाशन की तिथि/समय – 07.11.2023 के अपराह्न 03:30 बजे से
3. प्री–बीड बैठक का दिनांक/समय– 14.11.2023 के पूर्वाह्न 11:30 बजे
4. ऑनलाईन निविदा प्राप्त करने की अन्तिम तिथि/समय– 23.11.2023 के दोपहर 12:00 बजे तक
5. ई–निविदा खोलने की तिथि/समय– 24.11.2023 के अपराह्न 12:30 बजे
6. ई–प्रोक्योरमेंट सेल का हेल्पलाईन सं० /दूरभाष सं० – 0651–2446007

कार्य की विवरणी :–

| क्र० | कार्य का नाम | प्राक्कलित राशि (लाख में) | बीड जमानत की राशि (लाख में) | परिमाण विपत्र का मूल्य (लाख में) | कार्य पूर्ण करने की अवधि |
|---|---|---|---|---|---|
| 1. | गोड्डा जिलान्तर्गत "मोहनपुर (NH-133 पर) से करमाटॉड पथ भाया सिन्नी–ईमलीटॉड पथ (कुल लंबाई– 20.64 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 6029.76047 | 60.30 | 10,000/– | 16 माह |
| 2. | गोड्डा जिलान्तर्गत "घटियारी (टेसोबथान– महादेव बथान पथ पर)–रतनपुर– राजपोखर (सुंदर डैम) पथ (कुल लंबाई– 11.720 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 3862.33683 | 38.63 | 10,000/– | 20 माह |
| 3 | पथ प्रमंडल, गोड्डा अन्तर्गत "सुन्दरपहाड़ी (NH-333A)–चंदना–दामा– जमकुदार– अगियामोड़ पथ (कुल लंबाई– 24.440 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 7278.12153 | 72.79 | 10,000/– | 18 माह |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ प्रमण्डल, गोड्डा

PR 310186 Road(23-24).D

| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| ୯. | ୧୩୨ କେଭି ଆସିସିଏଲ୍ - ଚୌଦ୍ୱାର ସର୍କିଟ୍ ନଂ-II | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଆସିସିଏଲ୍ ସ୍ୱିଚିଂ ଷ୍ଟେସନ୍ | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୧. | ୧୩୨/୩୩ କେଭି ଜିଆଇଏସ୍ ଗ୍ରୀଡ୍ ସବ୍‌ଷ୍ଟେସନ୍, ଖୁଣ୍ଟୁଣି | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ପାରାଦୀପ** | | | |
| ୧. | ୨୨୦ କେଭି ଦୁବୁରୀ - ପାରାଦୀପ ସର୍କିଟ୍ ନଂ-II | ୦୩.୧୧.୨୩ ଏବଂ ୦୪.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ପାରାଦୀପ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ସ୍ୱିଚ୍‌ୟାର୍ଡ଼ | ୦୮.୧୧.୨୩ ଏବଂ ୦୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୩. | ୧୩୨ କେଭି ପାରାଦୀପ - ପିପିଟି ସର୍କିଟ୍ ନଂ-I | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ପାରାଦୀପ - ପିପିଟି ସର୍କିଟ୍ ନଂ-II | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ମାର୍ଶାଘାଇ - କେନ୍ଦ୍ରାପଡା ଟ୍ରାକ୍‌ସନ ଲାଇନ୍ | ୨୧.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ପାରାଦୀପ - ପିପିଏଲ୍ ସର୍କିଟ୍ ନଂ-I | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ପାରାଦୀପ - ପିପିଏଲ୍ ସର୍କିଟ୍ ନଂ-II | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ପାରାଦୀପ - ଇଫ୍‌କୋ ସର୍କିଟ୍ ନଂ-I | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ପାରାଦୀପ - ଇଫ୍‌କୋ ସର୍କିଟ୍ ନଂ-II | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ପଟ୍ଟାମୁଣ୍ଡାଇ - ଓଲାଭର ଡିସି ଲାଇନ୍ ସର୍କିଟ୍ ନଂ-I | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୧. | ୧୩୨ କେଭି ପଟ୍ଟାମୁଣ୍ଡାଇ - ଓଲାଭର ଡିସି ଲାଇନ୍ ସର୍କିଟ୍ ନଂ-II | ୨୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଓଲାଭର (୧୩୨ କେଭି ସ୍ୱିଚ୍‌ୟାର୍ଡ଼) | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୩. | ୨୨୦ କେଭି ଦୁବୁରୀ - ପାରାଦୀପ ସର୍କିଟ୍ ନଂ-I | ୨୯.୧୧.୨୩ ଏବଂ ୩୦.୧୧.୨୩ | ୦୮.୦୦-୧୭.୦୦ | ୨ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, କଟକ** | | | |
| ୧. | ବିଡାନାସୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ସ୍ୱିଚ୍‌ୟାର୍ଡ଼ | ୦୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୨୨୦ କେଭି ମେଣ୍ଢାଶାଳ - ବିଡାନାସୀ ସର୍କିଟ୍ ନଂ-II | ୧୫.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୨୨୦/୩୩ କେଭି ଜିଆଇଏସ୍ ଗ୍ରୀଡ୍ ସବ୍‌ଷ୍ଟେସନ୍, ଗୋଡିସାହି | ୧୫.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ବିଡାନାସୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ଼ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ମେଣ୍ଢାଶାଳ - ବିଡାନାସୀ ସର୍କିଟ୍ ନଂ-I | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬.<br>(ଛ) | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,କଟକ(୩୩ କେଭି ସ୍ୱିଚ୍‌ୟାର୍ଡ଼)<br>**ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଚାଇଁପାଳ** | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଚାଇଁପାଳ** | | | |
| ୧. | ୨୨୦ କେଭି ରେଙ୍ଗାଲି - ବାରକୋଟ୍ ସର୍କିଟ୍ ନଂ-II (୩୫ କିମି ) | ୦୧.୧୧.୨୩ ଏବଂ ୦୨.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ୨୨୦ କେଭି ମେରାମୁଣ୍ଡଳୀ - ଗୋଡା - ଦୁବୁରୀ ସର୍କିଟ୍ ନଂ-I | ୦୧.୧୧.୨୩ ରୁ ୦୪.୧୧.୨୩ | ୦୮.୦୦-୧୭.୦୦ | ୪ |
| ୩. | ୨୨୦ କେଭି କଣିହା - ଟିଟିପିଏସ୍ ଡିସି ଲାଇନ୍ (ଲୋକେସନ୍ ୨୯ ରୁ ୧୦୬) | ୦୮.୧୧.୨୩ ଏବଂ ୦୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୪. | ୨୨୦ କେଭି ମେରାମୁଣ୍ଡଳୀ - କଣିହା ଫିଡର - I | ୧୪.୧୧.୨୩ ଏବଂ ୧୫.୧୧.୨୩ | ୦୮.୦୦-୧୭.୦୦ | ୨ |
| ୫. | ୨୨୦ କେଭି ମେରାମୁଣ୍ଡଳୀ - କଣିହା ଫିଡର - II | ୧୭.୧୧.୨୩ ଏବଂ ୧୮.୧୧.୨୩ | ୦୮.୦୦-୧୭.୦୦ | ୨ |
| ୬. | ୨୨୦ କେଭି ରେଙ୍ଗାଲି - ରେଙ୍ଗାଲି ପିଏଚ୍ ସର୍କିଟ୍ ନଂ- I ଏବଂ II | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ମେରାମୁଣ୍ଡଳୀ - ଖଜୁରୀଆକଟା ଲାଇନ୍(ଲୋକେସନ୍ ୧ ରୁ ୬୩) | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଚାଇଁପାଳ - ଏଫସିଆଇ ଡିସି ଲାଇନ୍ | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଚାଇଁପାଳ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଅନଗୋଳ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୧. | ୨୨୦ କେଭି ରେଙ୍ଗାଲି - ବାରକୋଟ୍ ସର୍କିଟ୍ ନଂ-I (୩୫ କିମି ) | ୨୮.୧୧.୨୩ ଏବଂ ୨୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୧୨. | ୧୩୨ କେଭି ଅନଗୋଳ - ଏମସିଏଲ୍ ସର୍କିଟ୍ ନଂ-II | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧. | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ମେରାମୁଣ୍ଡଳୀ**<br>୪୦୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ସର୍କିଟ୍ ନଂ-I ଲାଇନ୍ | | | |
| ୨. | (ମେରାମୁଣ୍ଡଳୀ ଶେଷରୁ ଲୋକେସନ୍ ୧୬୨ ପର୍ଯ୍ୟନ୍ତ)<br>୪୦୦ କେଭି ମେରାମୁଣ୍ଡଳୀ-ଲପଙ୍ଗା ସର୍କିଟ୍- I | ୦୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୩. | (ମେରାମୁଣ୍ଡଳୀ ଶେଷରୁ ଲୋକେସନ-୧୩୯ ପର୍ଯ୍ୟନ୍ତ)<br>୪୦୦ କେଭି ମେରାମୁଣ୍ଡଳୀ-ଲପଙ୍ଗା ସର୍କିଟ୍- II | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | (ମେରାମୁଣ୍ଡଳୀ ଶେଷରୁ ଲୋକେସନ-୧୩୯ ପର୍ଯ୍ୟନ୍ତ)<br>୪୦୦/୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,ମେରାମୁଣ୍ଡଳୀ | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | (୪୦୦ କେଭି ବସ୍ - I)<br>୪୦୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ସର୍କିଟ୍ ନଂ-II ଲାଇନ୍ | ୨୩.୧୧.୨୩ ଏବଂ ୨୪.୧୧.୨୩ | ୦୮.୦୦-୧୭.୦୦ | |
| | (ମେରାମୁଣ୍ଡଳୀ ଶେଷରୁ ଲୋକେସନ୍ ୧୬୨ ପର୍ଯ୍ୟନ୍ତ) | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଢେଙ୍କାନାଳ** | | | |
| ୧. | ୨୨୦/୧୩୨/୩୩ କେଭି ଗୋଡା ସ୍ୱିଚ୍‌ୟାର୍ଡ (୨୨୦ କେଭି ଗୋଡା ସ୍ୱିଚ୍‌ୟାର୍ଡ) | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଖଜୁରୀଆକଟା | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩.<br>୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କାମାକ୍ଷାନଗର<br>୧୩୨ କେଭି ଏମଆରଡିଏଲ୍ - ଖଜୁରୀଆକଟା ଲାଇନ୍ | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | (୬୪ ରୁ ୮୧ ଏବଂ ଲିଲୋ ଖଜୁରୀଆକଟା)<br>୧୩୨କେଭି ଖଜୁରୀଆକଟା - ନୂଆପାଟଣା ଲାଇନ୍ | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| | (ଲିଲୋ ରୁ ଖଜୁରୀଆକଟା) | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଳାରାଙ୍ଗି | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| (ଛ) | **ନର୍ଥ ଜୋନ୍, ବାଲେଶ୍ୱର**<br>**ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଯାଜପୁର ରୋଡ** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଯାଜପୁର ରୋଡ** | | | |
| ୧. | ଦୁବୁରୀ (ପୁରୁଣା) ଗ୍ରୀଡ୍ ସବ୍‌ଷ୍ଟେସନ୍‌ର୨୨୦ କେଭି ବସ୍ - I | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ଦୁବୁରୀ (ପୁରୁଣା) ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୦୭.୧୦.୨୩ | ୦୮.୦୦-୧୭.୦୦ | ୧ |
| ୩. | ଦୁବୁରୀ (ପୁରୁଣା) ଗ୍ରୀଡ୍ ସବ୍‌ଷ୍ଟେସନ୍‌ର୨୨୦ କେଭି ବସ୍ - II | ୦୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଦୁବୁରୀ - ଜଖପୁରା ଟ୍ରାକ୍‌ସନ ଲାଇନ୍ | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ଯାଜପୁର ରୋଡ୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଯାଜପୁର ଟାଉନ | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ଆନନ୍ଦପୁର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଦୁବୁରୀ - କେ. ନଗର ଲାଇନ୍ | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ଗୋଡା - କଳାରାଙ୍ଗି ଲାଇନ୍ | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ନୂଆ ଦୁବୁରୀ** | | | |
| ୧. | ୩୧୫ ଏମ୍‌ଭିଏ ୪୦୦/୨୨୦ କେଭି ଆସିଟି - I | ୦୨.୧୧.୨୩ ଏବଂ ୦୩.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ୨୨୦ କେଭି ନୂଆ ଦୁବୁରୀ - ପାରାଦୀପ ସର୍କିଟ୍ ନଂ-II | ୦୩.୧୧.୨୩ ଏବଂ ୦୪.୧୧.୨୩ | ୦୮.୦୦-୧୭.୦୦ | ୨ |
| ୩. | ୩୧୫ ଏମ୍‌ଭିଏ ୪୦୦/୨୨୦ କେଭି ଆସିଟି - II | ୦୭.୧୧.୨୩ ଏବଂ ୦୮.୧୧.୨୩ | ୦୮.୦୦-୧୭.୦୦ | ୨ |
| ୪. | ୪୦୦ କେଭି ମେନ୍ ବସ୍ - ୨, ନୂଆ ଦୁବୁରୀ | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ମେନ୍ ବସ୍ - ୨, ନୂଆ ଦୁବୁରୀ | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ନୂଆ ଦୁବୁରୀ - ପାରାଦୀପ ସର୍କିଟ୍ ନଂ-I | ୨୨.୧୧.୨୩ ଏବଂ ୨୩.୧୧.୨୩ | ୦୮.୦୦-୧୭.୦୦ | ୨ |
| ୭. | ୨୨୦ କେଭି ମେନ୍ ବସ୍ - ୧, ନୂଆ ଦୁବୁରୀ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବାଲେଶ୍ୱର** | | | |
| ୧. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୬୦ ଏମ୍‌ଭିଏ ଅଟୋ - III | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨.<br>୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭୋଗରାଇ<br>୨୨୦ କେଭି ନୂଆ ଦୁବୁରୀ - ବାଲେଶ୍ୱର ସର୍କିଟ୍ ନଂ-I | ୦୮.୧୧.୨୩ | ୦୮.୦୦-୧୭.୦୦ | ୧ |
| | (ଲୋକେସନ ୧୯୮ ରୁ ୪୪୯) | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋମନାଥପୁର | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବାଲେଶ୍ୱର - ବସ୍ତା ଏସସି ଲାଇନ୍ (ଲୋକେସନ ୧ ରୁ ୧୧୦) | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ନୂଆ ଦୁବୁରୀ - ଭଦ୍ରକ ସର୍କିଟ୍ ନଂ-II (ଲୋକେସନ ୧ ରୁ ୧୯୭) | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ସୋର - ବାଲେଶ୍ୱର ଲାଇନ୍ | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବାରିପଦା** | | | |
| ୧. | ୧୩୨ କେଭି ବାଲେଶ୍ୱର - ବାରିପଦା ଲାଇନ୍ (ଉଦଳା ରୁ ବାଲେଶ୍ୱର) | ୦୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କରଞ୍ଜିଆ (୩୩ କେଭି ସାଇଡ) | ୧୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଉଦଳା (୩୩ କେଭି ସାଇଡ) | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,ରାଇରଙ୍ଗପୁର | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବାଲେଶ୍ୱର - ବାରିପଦା ଲାଇନ୍ (ଉଦଳା ରୁ ବେତନଟି) | ୨୮.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଭଦ୍ରକ** | | | |
| ୧. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ଅଗରପଡା ଗ୍ରୀଡ୍ ସବ୍‌ଷ୍ଟେସନର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭଦ୍ରକ | ୧୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଚାନ୍ଦବାଲି | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଯୋଡା** | | | |
| ୧. | ୧୩୨ କେଭି ନାଳଦା - ରାଉରକେଲା ଲାଇନ୍ | ୦୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ନାଳଦା - ରାଉରକେଲା ଲାଇନ୍ (ଲୋକେସନ ୭୮ ପର୍ଯ୍ୟନ୍ତ) | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩.<br>୪. | ଯୋଡା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ I ଏବଂ II<br>୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଢେଙ୍କିକୋଟ୍ ଏବଂ ୧୩୨କେଭି ଢେଙ୍କିକୋଟ୍- | ୦୭.୧୧.୨୩ ଏବଂ ୦୮.୧୧.୨୩ | ୦୮.୦୦-୧୭.୦୦ | ୨ |
| | କରଞ୍ଜିଆ ଡିସି ଲାଇନ୍ | ୧୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ଯୋଡା - ଜିନ୍ଦଲ ଲାଇନ୍ | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପଳାଶପୋଙ୍ଗା (୩୩ କେଭି ସାଇଡ) | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ଜିନ୍ଦଲ - ଜାମସେଦ୍‌ପୁର ଲାଇନ୍ (ଓଡ଼ିଶା ପଟ) | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,ରାଙ୍କି ଏବଂ<br>୨୨୦ କେଭି ରାଙ୍କି - କେନ୍ଦୁଝର ପିଜି ଡିସି ଲାଇନ୍ | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |

# ଆନ୍ଧ୍ରରେ ଟ୍ରେନ୍ ଦୁର୍ଘଟଣା ପରେ ଉଦ୍ଧାର ଦୃଶ୍ୟ


ଦୁର୍ଘଟଣାଗ୍ରସ୍ତ ବଗିକୁ ଜେସିବି ସାହାଯ୍ୟରେ ରେଳଧାରଣାରୁ ଉଠାଯାଉଛି।


ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଓଡ୍ରାଫ୍ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି।


ଟ୍ରେନ୍ ଦୁର୍ଘଟଣାସ୍ଥଳରେ ଜେସିବି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।


କର୍ମଚାରୀଙ୍କ ଦ୍ୱାରା ରେଳ ଲାଇନ୍ ମରାମତି କରାଯାଉଛି।



ଭୁବନେଶ୍ୱର ରେଳ ଷ୍ଟେସନଠାରେ ଖୋଲାଯାଇଥିବା ହେଲ୍ପ ଡେସ୍କ।

# ସବୁଠି ମା' ଗଜଲକ୍ଷ୍ମୀଙ୍କ ଆରାଧନା

କେନ୍ଦ୍ରାପଡ଼ା, ୩୦।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାସାରା ଏବେ ମା' ଗଜଲକ୍ଷ୍ମୀଙ୍କ ପୂଜାର ମାହୋଲ। ବିଭିନ୍ନ ପୂଜା ମଣ୍ଡପରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରାଧନା ଚାଲିଛି। ଶନିବାରଠାରୁ ପୂଜା ମଣ୍ଡପଗୁଡିକରେ ପୂଜା ଆରମ୍ଭ ହୋଇଛି। ଶନିବାର ଚନ୍ଦ୍ରଗ୍ରହଣ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ନ ଥିବା ବେଳେ ରବିବାର, ସୋମବାର ଶ୍ରଦ୍ଧାଳୁଙ୍କ ଗହଳି ବଢିଛି। ଏବର୍ଷ ପୂଜା ଉପଲକ୍ଷେ କେନ୍ଦ୍ରାପଡ଼ା ସହର ମଧ୍ୟରେ ସୁଦୃଶ୍ୟ ତୋରଣ ସାଙ୍ଗକୁ ମଣ୍ଡପଗୁଡିକରେ ଆଖିଝଲସା ଲାଇଟ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ସବୁ ମଣ୍ଡପ ସହ ସୁନା ଓ ଚାନ୍ଦିମେଢ଼ ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଖଡିଅଙ୍ଗ, ମାଛ ମାର୍କେଟ, କାକଟମଙ୍ଗଳା, ସାନମଙ୍ଗଳା, ନୂଆ ବସ୍‌ଷ୍ଟାଣ୍ଡ, ଅଯୋଦ୍ଧାନଗର ଆଦି ସ୍ଥାନରେ ଚାନ୍ଦିମେଢ଼ ହୋଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସୁନା ଓ ଚାନ୍ଦିର ଝଲକ ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି।

## ପେଟ୍ରୋମାକ୍ସ ଲାଇଟରେ ମା'ଙ୍କୁ ଶ୍ରଦ୍ଧାଳୁ ଦେଖୁଥିଲେ

ସହରର ପୁରୁଣା ବସ୍‌ଷ୍ଟାଣ୍ଡ ପୂଜାର ପ୍ରାୟ ୧୬ବର୍ଷ ପରେ ଖଡ଼ିଅଙ୍ଗ ପୀଠରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଖଡିଅଙ୍ଗ ଗ୍ରାମବାସୀ ଏଠାରେ ପୂଜା ଆରମ୍ଭ କରିବା ସମୟରେ ବରଡା ତାଟି ମାରି ମଣ୍ଡପ ନିର୍ମାଣ ହୋଇଥିଲା। ସେତେବେଳେ ସନ୍ଧ୍ୟା ସମୟରେ ପେଟ୍ରୋମାକ୍ସ ଲାଇଟରେ ମା'ଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରୁଥିଲେ। ଏଠାରେ ପାରମ୍ପରିକ ରୀତିନୀତିକୁ ପ୍ରାଧାନ୍ୟ ଦିଆଯାଇଥାଏ। ଚଳିତବର୍ଷ ସୁଦୃଶ୍ୟ ତୋରଣ ନ ଥିଲେ ମଧ୍ୟ ମା'ଙ୍କ ଚାନ୍ଦିମେଢ଼ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

– ସରୋଜରାଜ ସିଂହ, ଖଡ଼ିଅଙ୍ଗ ପୂଜା କମିଟି

## ମା'ଙ୍କ ମେଢ଼ ପାଇ ୮୮ କିଗ୍ରା ଚାନ୍ଦି

ମା'ଙ୍କ ମେଢ଼ ପାଇଁ ୨୦୧୬ ଶେଷ ସୁଦ୍ଧା ମୋଟ ୮୮ କିଲୋଗ୍ରାମର ଚାନ୍ଦି ବ୍ୟବହାର ହୋଇଥିଲା। ଚଳିତବର୍ଷ ଏହାର ପରିମାଣ ୧ କୁଇଣ୍ଟାଲକୁ ଟପିଛି। ପୂର୍ବବର୍ଷ ପରି ଭସାଣି ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜାକଜମକରେ ପାଳନ ହେବ।

–ହିରଣ୍ୟ କୁମାର ପଣ୍ଡା, କର୍ମକର୍ତ୍ତା, ଖଡିଅଙ୍ଗ ପୂଜା କମିଟି

## ମୂର୍ତ୍ତି ନିର୍ମାଣ କରିଛନ୍ତି ବାହାର ରାଜ୍ୟର କାରିଗର

ଏବର୍ଷ ମୂର୍ତ୍ତି ନିର୍ମାଣରେ ଚମକ ଆଣିବା ପାଇଁ ବାହାର ରାଜ୍ୟରୁ କାରିଗର ଅଣାଯାଇଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଉଦ୍ୟମ ଜାରି ରହିଛି।



ବିମଳାଇ ମଣ୍ଡପରେ ମା' ଗଜଲକ୍ଷ୍ମୀ।

ପ୍ରତ୍ୟେକ ପୂଜାମଣ୍ଡପରେ ପାରମ୍ପରିକ ବିଧିବିଧାନକୁ ଗୁରୁତ୍ୱ ଦିଆଯାଉଛି।

**– ନରେନ୍ଦ୍ର କୁମାର ସାହୁ, କର୍ମକର୍ତ୍ତା, ମା' ବୁଢ଼ିବାସୁଳେଇ ପୂଜା କମିଟି**

## ଆଗକୁ ଭିଡ଼ ପ୍ରବଳ ହେବ

ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା। ସହରର ୬୮ମଣ୍ଡପରେ ପୂଜୋତ୍ସବ ଚାଲିଥିବା ବେଳେ ତୋରଣ ସାଜସଜ୍ଜା ଆକର୍ଷଣୀୟ ହୋଇଛି। ଏହାକୁ ଦେଖିବା ପାଇଁ ଗ୍ରାମାଞ୍ଚଳ ଓ ଜିଲା ବାହାର ଶ୍ରଦ୍ଧାଳୁ ଆସୁଛନ୍ତି। ସନ୍ଧ୍ୟାରେ ଭିଡ ଅଧିକ ହେବା ସମ୍ଭାବନା ଅଛି। ଆଗକୁ ଭିଡ ପ୍ରବଳ ହେବ। ପ୍ରଶାସନ ପକ୍ଷରୁ ବାହାର ଶ୍ରଦ୍ଧାଳୁଙ୍କ ରାତ୍ରିଯାପନ ପାଇଁ ବ୍ୟବସ୍ଥା କରିଥିଲେ ଭଲ ହୋଇଥାନ୍ତା।

– ସୂର୍ଯ୍ୟକୁମାର ମିଶ୍ର, କର୍ମକର୍ତ୍ତା, ଶିବଶକ୍ତି କ୍ଲବ, ମାଧପୁର

## ମା'ଙ୍କ ପୂଜା ବିଧିବିଧାନରେ ଚାଲିଛି

ସହରର ପ୍ରବେଶ ପଥରୁ ଗଳି ରାସ୍ତାରେ ହୋଇଥିବା ମଣ୍ଡପରେ ମା'ଙ୍କ ପୂଜା ବିଧିବିଧାନରେ ଚାଲିଛି। ବିଦ୍ୟୁତ୍ ଚାଳିତ ଆଖିଝଲସା ଗେଟ, ମେଢ଼ ସାଜସଜ୍ଜା ଏଥର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ସହରର ପରିମଳ ବ୍ୟବସ୍ଥା ସୁଧାର ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ତ ସ୍ଥାନରେ ସୁଧୁରି ନାହିଁ। ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଜବରଦଖଲ ଉଠି ନ ଥିବାରୁ ଭସାଣି ସମୟରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ରହିଛି।

– କ୍ଷେତ୍ରବାସୀ ସାହୁ, କର୍ମକର୍ତ୍ତା, ଦୁହୁରିଆ ପୂଜା କମିଟି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହିମାଂଶୁ



@ ରାହୁଲ



@ ଜୟଶ୍ରୀ



@ ରମାକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶଙ୍ଖଚିଲା ଗୋଡ଼ିପାଟଣାରେ ଜମୁଛି ଗଜଲକ୍ଷ୍ମୀ ପୂଜା



ଗୋଡ଼ିପାଟଣାଠାରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀ।

କୋରେଇ,୩୦।୧୦(ଚନ୍ଦ୍ରକାନ୍ତ ପତି)

କୋରେଇ ବ୍ଲକ ଖମଣ ପଞ୍ଚାୟତ ଗୋଡ଼ିପାଟଣାଠାରେ ଆମ ଗାଁ ପରବ ପୂଜା କମିଟି ତରଫରୁ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ଆରମ୍ଭ ହୋଇଛି । ଶିଳ୍ପୀ ନାଣ୍ଟୁ ଚରଣଙ୍କ ଦ୍ୱାରା ନିର୍ମିତ ପେଚା ଉପରେ ବିରାଜମାନ ମା'ଙ୍କ ପ୍ରତିମା ଜୀବନ୍ତ ଲାଗୁଛନ୍ତି। ଚଳିତ ବର୍ଷ ଚନ୍ଦ୍ର ଗ୍ରହଣକୁ ଆଖି ଆଗରେ ରଖି ପୂଜାନୀତି ନିର୍ଘଣ୍ଟ କରାଯାଇ ଗ୍ରାମ୍ୟ ପୂଜକ ପଣ୍ଡିତ ଜଗନ୍ନାଥ ପାଢୀଙ୍କ ତତ୍ତ୍ୱାବଧାନରେ ଦୁଇ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ପୂଜା ଆରମ୍ଭ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ରଘୁନାଥ ସାହୁଙ୍କ ସହ ସହଧର୍ମିଣୀ ଶରତପ୍ରଭା ସାହୁ, ଶାଶ୍ୱତ ରଞ୍ଜନ ସାହୁ, ଆଲୋକ ଚନ୍ଦ୍ର ସାହୁ, ବିଶ୍ୱଜିତ୍ ସାହୁ, ଦିବାକର ମାଝିଙ୍କ ଦ୍ୱାରା ସର୍ବପ୍ରଥମେ କଳସବୁଡ଼ା କରାଯାଇ ପୂଜା ଆରମ୍ଭ କରାଯାଇଥିଲା । ୩ ଦିନ ପାଳିତ ହେବାକୁ ଥିବା ଉକ୍ତ ପୂଜାରେ ମାଦକ ଦ୍ରବ୍ୟ ଏବଂ ଆମିଷ ବର୍ଜନକୁ ଗୁରୁତ୍ୱ ଦିଆଯାଇଛି । ଶାନ୍ତିଶୃଙ୍ଖଳାର ସହ ଉକ୍ତ ପର୍ବ ପାଳନ କରିବାକୁ ଅନୁଷ୍ଠାନ ପକ୍ଷରୁ ସନ୍ତୋଷ କୁମାର ସାହୁ, ବିଷ୍ଣୁ ଚରଣ ବିନ୍ଧାଣୀ, ବିପିନ ମହାକୁଡ଼, ମହେଶ୍ୱର ବିନ୍ଧାଣୀ, ଅଭିନ୍ନ ମହାକୁଡ଼, ଜୟନ୍ତ କୁମାର ସାହୁ, ବିଶ୍ୱଜିତ୍ ସାହୁ, ଆଲୋକ ଚନ୍ଦ୍ର ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ହିମାଂଶୁ ଶେଖର ଦାସ, ବନମାଳୀ ସାହୁଙ୍କ ସମେତ ଗ୍ରାମର ଯୁବଗୋଷ୍ଠୀ ପ୍ରମୁଖ ଅଣ୍ଟା ଭିଡିଛନ୍ତି ।

# ଡିଜେ ଉପରେ କଟକଣା, ନିର୍ଦ୍ଧାରିତ ସମୟରେ ସରିବ ଭସାଣୀ

## ଯାଜପୁର କାଳୀପୂଜା ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଆଉ କିଛିଦିନ ପରେ ଯାଜପୁରରେ ଆରମ୍ଭ ହେବ ଗଣପର୍ବ ଶ୍ୟାମାକାଳୀ ପୂଜା। ଚଳିତ ବର୍ଷ ଯାଜପୁରରେ ୪୪ଟି ପୂଜା ମଣ୍ଡପରେ ପୂଜା ପାଇବେ ମା' ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ। ଏଥିପାଇଁ ସମସ୍ତ ପୂଜା ମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ ସରିବା ପରେ ସୋମବାର ଯାଜପୁର ଟାଉନ ପୋଲିସ ଓ ପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଟାଉନ୍ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ଡିଏସ୍‌ପି ପ୍ରଭାତ ବିଶ୍ୱାଳ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ, ଟାଉନ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଶାନ୍ତି କମିଟିର ସଦସ୍ୟ ସନ୍ତୋଷ ମଲିକ, ବଟକୃଷ୍ଣ ମହାପାତ୍ର , ଦିଗମ୍ବର କର, ସନ୍ତୋଷ ନନ୍ଦ, ବଳଭଦ୍ର ଦାସ, ସମରଜିତ ମହାନ୍ତି, ରାଜୀବ ମହାନ୍ତିଙ୍କ ସମେତ ପୂଜା କମିଟିର ସମସ୍ତ ସଭାପତି ଓ ସମ୍ପାଦକ ବୈଠକରେ ଭାଗ ନେଇଥିଲେ।

ଭସାଣି ସମୟରେ ପୂଜା କମିଟି ସଭାପତି ଓ ସ୍ୱେଚ୍ଛାସେବୀମାନେ ପୋଲିସକୁ ଟ୍ରାଫିକ ନିୟନ୍ତ୍ରଣ ଓ ଭସାଣୀ ସୁପରିଚାଳନାରେ ସହଯୋଗ କରିବେ। ପ୍ରତ୍ୟେକ ପୂଜାକମିଟି ତାଙ୍କ ପୂଜାର ସମ୍ପୂର୍ଣ୍ଣ ବିବରଣୀ ନଭେମ୍ବର ୫ ସୁଦ୍ଧା ଥାନାଧିକାରୀଙ୍କୁ ଜଣାଇବେ । ସାଉଣ୍ଡ, ରୁଟ୍, ଇଲେକ୍ଟ୍ରି, ପିଡବ୍ଲ୍ୟୁଡି, ଅଗ୍ନିଶମ ଅନୁମତି ପାଇଁ ଉପଜିଲାପାଳଙ୍କୁ ଆବେଦନ କରିବେ। ପୂଜା କମିଟି ସେମାନଙ୍କ ସଭାପତି ଓ ସମ୍ପାଦକଙ୍କ ନାମ ,ଠିକଣା, ଫୋନ୍ ନମ୍ବର ସହିତ କମିଟିର ୧୦ଜଣ ସଭ୍ୟଙ୍କ ନାମ ଓ ଫୋନ୍ ନମ୍ବର ଥାନାଧିକାରୀଙ୍କୁ ପ୍ରଦାନ କରିବେ। ପୂଜା କମିଟିର ସଭାପତି, ସମ୍ପାଦକ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ରକ୍ଷା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ରାତ୍ର ୧୦ଘଟିକାରେ ସାଉଣ୍ଡ ବନ୍ଦ କରିବାର ପ୍ରଶାସନକୁ ସାହାଯ୍ୟ କରିବେ। ପ୍ରଶାସନ ଦ୍ୱାରା ସ୍ଥିରିକୃତ ଛକ ଓ ସମୟ ଅନୁଯାୟୀ ମେଢ଼ଗୁଡିକ ରହିବ । ରୁଟ୍ ଅନୁମତି ଦିଆଯାଇଥିବା ସମୟକୁ ପ୍ରତ୍ୟେକ କମିଟି ପାଳନ କରିବେ। ଶୋଭାଯାତ୍ରାରେ ଡିଜେକୁ ଅନୁମତି ନାହିଁ। ବ୍ୟାଣ୍ଡପାର୍ଟିରେ ସର୍ବାଧିକ ୧୦ଟି ବକ୍ସ ଲାଗିବ।

ଦେବୀଗଡ଼ାଠାରେ ଯାଜପୁର ପୌରପାଳିକା ପକ୍ଷରୁ ଆଲୋକୀକରଣ କରିବା ପାଇ ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି। ସେହିପରି ମଙ୍ଗଳପୁର ଆଡୁ ଆସୁଥିବା ଗାଡିଗୁଡିକ ଏହି ରୁଟ୍ ଦେଇ କଟକ ଯିବେ। ବିଂଝାରପୁର ଯିବାପାଇଁ ଚାରି ଚକିଆ ଯାନ ମାନସାପୋଲ ଦେଇ ରେଡକ୍ରସ ଛକ, ଡ଼କ୍ ଛକ , ମହାବୀର ଛକ, ଯୋଡିକଆ ଛକ, କୁଆଁସରପୁରଛକରୁ ୨ ଓ ୪ ଚକିଆ ଯାନକୁ ଅନୁମତି ନାହିଁ । ଶେଷରେ ଅତିରିକ୍ତ ଏସ.ପି ରାଉତରାୟ କହିଥିଲେ ଯେ ପୂଜା କମିଟି ଦେଇଥିବା କେତେକ ପ୍ରସ୍ତାବକୁ ସେ ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଜଣାଇବେ। ସମସ୍ତ ପୂଜା କମିଟି ପୋଲିସ ସହାୟତାରେ ଶାନ୍ତି ଶୃଙ୍ଖଳାରେ ପୂଜା ଉତ୍ସବ ପାଳନ କରିବା ପାଇଁ କହିଥିଲେ।

# ୧୭.୪ ଗ୍ରାମ ବ୍ରାଉନସୁଗାର ଜବତ, ୪ ଗିରଫ

ପାରାଦୀପ,୩୦।୧୦(ଶରତ ରାଉତ)

ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ପାରାଦୀପ ଆଦର୍ଶଥାନା ପୋଲିସ ସୋମବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧୭.୦୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ରାମକୃଷ୍ଣ ମଣ୍ଡଳ, ପ୍ରଦୀପ ମନ୍ତ୍ରୀ, ଶଙ୍କର ଘଡ଼େଇ, ଓ ସତ୍ୟଜିତ୍ ବେହେରା। ଅଠରବାଙ୍କି ଲକ୍‌ପଡା ଅଞ୍ଚଳରେ ପୋଲିସ ପାଟ୍ରୋଲି କରୁଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିଥିଲା।

# ଜିଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ

ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ରବିବାର ଜିଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ ଯାଜପୁର ବ୍ଲକ୍ ସିମିଳିଆ ପଞ୍ଚାୟତସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବିଷୟ 'ସଶକ୍ତ ଗୋଷ୍ଠୀ, ସୁରକ୍ଷିତ ଓଡ଼ିଶା' ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ମୁକାବିଲା ପାଇଁ ଗୋଷ୍ଠୀଗତ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିପର୍ଯ୍ୟୟ ପ୍ରଶମନ ଦିବସରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଗୋପୀନାଥ କୁଅଁର ଯୋଗଦେଇ କହିଲେ, ବିପର୍ଯ୍ୟୟକୁ ସମ୍ପୂର୍ଣ୍ଣ ରୁପେ ଏଡାଇ ପାରିବା ନାହିଁ। ଏଣୁ ସମ୍ଭାବ୍ୟ ବିପଦ ଏବଂ ସେଗୁଡିକର ସମାଧାନ ପାଇଁ ସଚେତନତା ସୃଷ୍ଟି କରିପାରିବା । ଜନସାଧାରଣଙ୍କୁ ଅବଗତ କରାଇବା ଆଜିର ଦିବସର ଆଭିମୁଖ୍ୟ ହେବା ଉଚିତ। ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ , ମହିଳାମାନେ ବ୍ୟାପକ ଭାବେ ସଚେତନ ହୋଇପାରିଲେ ବିପର୍ଯ୍ୟୟ ମୁକାବିଲା ତ୍ୱରାନ୍ୱିତ ହୋଇପାରିବ । ଏହି ଉପଲକ୍ଷେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ପୁରସ୍କାର ପ୍ରଦାନ କରିଥିଲେ ।

ବିଂଝାରପୁର ବ୍ଲକର ଜରି ପଞ୍ଚାୟତର ଜରି ବନ୍ୟା ଆଶ୍ରୟ ସ୍ଥଳୀ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କମିଟିକୁ ଜିଲାର ସର୍ବଶ୍ରେଷ୍ଠ ଆଶ୍ରୟ ସ୍ଥଳୀ ଭାବେ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଭିନ୍ନ କଳକାରଖାନାରେ ମନୁଷ୍ୟକୃତ ରାସାୟନିକ ଗ୍ୟାସ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ ପ୍ରଦର୍ଶିତ କରାଯାଇଥିଲା ।

# ଭିସା ଷ୍ଟିଲ ପକ୍ଷରୁ ନିର୍ମିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

କଳିଙ୍ଗନଗର,୩୦।୧୦(ଶୁଭାଶିଷ ରାଉତ ) :

କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ କାରଖାନା ପରିପାର୍ଶ୍ୱ ଉନ୍ନୟନ ଅନୁଦାନରେ ନିର୍ମିତ ହୋଇଥିବା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ଭବନ ସୋମବାର ଅପରାହ୍ଣରେ ଲୋକାର୍ପିତ ହୋଇଛି । ପ୍ରାୟ ୮୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ଏହି ଦୁଇ ମହଲା କୋଠାରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ଜନ୍ମମୃତ୍ୟୁ ପଞ୍ଜୀକରଣ ଓ ମେଡିକାଲର ପ୍ରଶାସନିକ ଦପ୍ତର କାର୍ଯ୍ୟକ୍ଷମ ହୋଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଏହି କୋଠକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କାରଖାନା ମୁଖ୍ୟ ମନୋଜ କୁମାର, ମାନବ ସମ୍ବଳ ବିଭାଗ ମହାପ୍ରବନ୍ଧକ ସନ୍ଦୀପ କୁମାର ମିଶ୍ର, କାରଖାନା ଅପରେଶନ ମୁଖ୍ୟ ବିକାଶ ଦାସ ଓ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଜ୍ୟୋତିରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭିସା ଷ୍ଟିଲର ପାରିପାର୍ଶ୍ୱ ଉନ୍ନୟନ କାର୍ଯ୍ୟକୁ ମନ୍ତ୍ରୀ ଘଡାଇ ଓ ଦାନଗଦିର ଲୋକମାନେ ପ୍ରଶଂସା କରିଥିଲେ ।

# ବିକାଶର ଦ୍ୱାହି ଦେଇ ଜମି ଅଧିଗ୍ରହଣରେ ଦୁର୍ନୀତି

## ଯାଜପୁର ସହରର ବିକାଶ କାର୍ଯ୍ୟ

■ ବଡ଼ବଡ଼ିଆଙ୍କୁ ଅନୁକମ୍ପା

ଯାଜପୁର,୩୦।୧୦(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସହରର ରାସ୍ତା ଓସରିଆ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। କେଉଁଠି ମେଡିକାଲ କଲେଜ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି ତ ଆଉ କେଉଁଠି ଷ୍ଟାଡିୟମ। ଗତ ୫୦ ବର୍ଷ ମଧ୍ୟରେ ଯାହା ବିକାଶ ହୋଇ ନ ଥିଲା ତାହା ଏଇ ହାତଗଣତି କେଇଟା ବର୍ଷ ମଧ୍ୟରେ ସମ୍ଭବ ହୋଇପାରିଛି। ରାସ୍ତା ପ୍ରଶସ୍ତୀକରଣ, ମେଡିକାଲ କଲେଜ ନିର୍ମାଣ ପ୍ରଭୃତି ଉନ୍ନୟନ କାର୍ଯ୍ୟ ପାଇଁ ଲୋକଙ୍କ ଘରଡିହ ଅଧିଗ୍ରହଣ କରାଯାଇ କ୍ଷତିପୂରଣ ପ୍ରଦାନ କରାଯାଉଛି। ହେଲେ କେତେକ ପରିବାର ନିଜର ଭିଟାମାଟି ହରାଇଥିବା ସତ୍ତ୍ୱେ ଏଯାଏ କ୍ଷତିପୂରଣ ପାଇ ନ ଥିବା ସୂଚନା ମିଳିଛି। ଏହାବାଦ ଯାଜପୁର ସହରରେ ଚାଲିଥିବା ବିଭିନ୍ନ ବିକାଶ କାର୍ଯ୍ୟକୁ ସବୁସ୍ତରରେ ସ୍ୱାଗତ କରାଯାଇଛି। କିନ୍ତୁ ଏହି ବିକାଶର ଦ୍ୱାହି ଦେଇ କେତେକ ସରକାରୀ କର୍ମଚାରୀ ବିପୁଳ କୋଟି ଟଙ୍କା ଲୁଟିବାରେ ଲାଗିଛନ୍ତି। ମୁଖ୍ୟତଃ ଜମି ଅଧିଗ୍ରହଣ ଦାୟିତ୍ୱରେ ଥିବା ଜଣେ ଅଧିକାରୀ ଓ ତାଙ୍କର ସହଯୋଗୀମାନେ ଏହିସବୁ ଦୁର୍ନୀତିରେ ମୁଖ୍ୟ ଭୂମିକା ନେଉଥିବା ସହରରେ ଚର୍ଚ୍ଚା ହେଉଛି। ସେମାନେ କେତେଜଣ ପ୍ରଭାବଶାଳୀଙ୍କ ପାଖ ଲୋକ ହୋଇଥିବାରୁ ଜିଲା ପ୍ରଶାସନିକ ଅଧିକାରୀମାନେ ଏକଥା ଜାଣୁଥିଲେ ମଧ୍ୟ ମୁହଁ ଖୋଲିବାକୁ ସାହସ କରି ପାରୁନାହାନ୍ତି ବୋଲି ମତପ୍ରକାଶ ପାଇଛି। ଏପରି କି ଗତ ୨ ସପ୍ତାହ ତଳେ ସମ୍ପୃକ୍ତ ଅଧିକାରୀଙ୍କ ସମେତ ଅନ୍ୟ କେତେଜଣଙ୍କ ଏଠାରୁ ଅନ୍ୟତ୍ର ବଦଳି ହୋଇଥିବାବେଳେ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ରିଲିଫ କରି ନଥିବା ଜଣା ପଡିଛି, ଯାହାକି ଜିଲାପାଳଙ୍କ ଅସହାୟତାକୁ ପଦାରେ ପକାଇ ଦେଇଛି।



ଯାଜପୁର ସହରରେ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ।

ମିଳିଥିବା ସୂଚନା ଅନୁଯାୟୀ ଜିଲା ସଦର ଡାକ୍ତରଖାନା ଛକଠାରୁ ଗରିଆପୁର ରାସ୍ତାର ପ୍ରଶସ୍ତୀକରଣ ପାଇଁ ୪୫ ଫୁଟ ଓସାର ଜମି ଆବଶ୍ୟକତା ଅଛି। ଏହି ରାସ୍ତାର ଗୋଟିଏ ପାର୍ଶ୍ୱ ଜମିକୁ ପ୍ରସାଶନ ପକ୍ଷରୁ ଅଧିଗ୍ରହଣ କରାଯାଇଛି। ଏହାପରେ ବିଭିନ୍ନ ସ୍ଥାନରେ ନାଲି ଚିହ୍ନ ଦିଆଯାଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ କେତେଜଣ ଲୋକ ବାସହରା ମଧ୍ୟ ହୋଇଛନ୍ତି। ଉକ୍ତ ରାସ୍ତାରେ ଡ୍ରେନ ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲିଛି। କିନ୍ତୁ ନିର୍ଦ୍ଦିଷ୍ଟ କେତେଜଣ ଲୋକ କ୍ଷତିପୂରଣ ଅର୍ଥ ପାଇଥିଲେ ମଧ୍ୟ ନିଜ ଜମିକୁ ସମ୍ପୂର୍ଣ୍ଣ ଭାବେ ଏଯାଏ ଛାଡ଼ିନାହାନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ମେଡିକାଲ ଛକ ଗରିଆପୁର ରାସ୍ତାର ସରକାରୀ ବାଳିକା ବିଦ୍ୟାଳୟ ସମ୍ମୁଖ ଘରକୁ ଦେଖିଲେ ବୁଝାପଡୁଛି। ଏହି ଘର ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଚିହ୍ନକୁ ଅଣଦେଖା କରାଯାଇ ଡ୍ରେନ ନିର୍ମାଣ ଚାଲିଛି। ଆଉ ଏହି ଅଣଦେଖା ବାବଦକୁ ଜିଲା ପ୍ରଶାସନର ଜଣେ ଅଧିକାରୀ ଲକ୍ଷାଧିକ ଟଙ୍କା ଲାଞ୍ଚ ନେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଡ୍ରେନ କାର୍ଯ୍ୟ କରୁଥିବା ଠିକାଦାର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଚିହ୍ନକୁ ଅଣଦେଖା କରି କାର୍ଯ୍ୟ କରୁଛନ୍ତି। ପ୍ରଶ୍ନ ଉଠୁଛି ଯେ, ଗରିବ ଲୋକଙ୍କ କ୍ଷେତ୍ରରେ ଜିଲା ପ୍ରଶାସନ ନିଜ ଜିଦ୍‌ରେ ଅଟଳ ରହି ଭଙ୍ଗାରୁଜା କରୁଥିବାବେଳେ ବିଦ୍ୟାଳୟ ସମ୍ମୁଖ ଘର ମାଲିକଙ୍କୁ ଅନୁକମ୍ପା ଦେଖାଇବା ପଛରେ ରହସ୍ୟ କ'ଣ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହେଲେ ଜବରଦଖଲ ଉଚ୍ଛେଦରେ ରାସ୍ତା ଓ ନାଳ ପାର୍ଶ୍ୱରେ ଥିବା ଗରିବ, ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାରଙ୍କ ଦୋକାନ ସବୁ ଉଜୁଡ଼ିଗଲା। ସେମାନଙ୍କ ପେଟ ପୋଷିବାର ଏକମାତ୍ର ମାଧ୍ୟମ ବନ୍ଦ ହୋଇଗଲା। ଜବରଦଖଲ ଉଚ୍ଛେଦ କ'ଣ କେବଳ ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା କି ବୋଲି ଏବେ ସହରର ସବୁଠି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନକୁ ସୋମବାର ସନ୍ଧ୍ୟାରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ନୟାଗଡ଼ ପାଇଁ ୩୪ ଲକ୍ଷ୍ମୀ ବସ୍



ଗଣିଆରେ ଥିବା ବସଷ୍ଟାଣ୍ଡ ।


ଲକ୍ଷ୍ମୀ ବସ୍‌ର ଫାଇଲ ଫଟୋ।

ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

- ବସ୍ ଚଳାଚଳ ପାଇଁ ୨ଟି ରୁଟ୍ ଚାଟ୍ ବ୍ୟବସ୍ଥା
- ସରକାରଙ୍କ ଅନୁମୋଦନ ପରେ ଗଡ଼ିବ ବସ୍
- ଗଣିଆରେ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇପାରୁନି
- ଖଣ୍ଡପଡ଼ା, ରଣପୁର ବସ୍‌ଷ୍ଟାଣ୍ଡ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ନୟାଗଡ଼ ଜିଲାରେ ୩୪ ଲକ୍ଷ୍ମୀବସ ଗଡିବ। ଏଥିପାଇଁ ପ୍ରଥମ ରୁଟ ପ୍ଲାନରେ ୨୭ ବସ ଓ ୨ୟ ରୁଟ୍ ପ୍ଲାନରେ ୭ଟି ଏପରି ୩୪ ଲକ୍ଷ୍ମୀ ବସ ନୟାଗଡରେ ଯାତାୟାତ କରିବ ବୋଲି ପ୍ରସ୍ତାବ ରହିଥିବା ପରବହନ କାର୍ଯ୍ୟାଳୟରୁ ଜଣାପଡିଛି। ଦରକାର ପଡ଼ିଲେ ଏହା ବଢ଼ିପାରେ। ସରକାରଙ୍କ ଅନୁମୋଦନ ପରେ ନୟାଗଡ଼ ଜିଲାର ପ୍ରତିଟି ଗାଁରେ ବସ ସେବା ମିଳିପାରିବ। ତେବେ ଲକ୍ଷ୍ମୀବସ ଚଳାଚଳକୁ ନେଇ ପ୍ରତି ବ୍ଲକ ମୁଖ୍ୟାଳୟରେ ବସଷ୍ଟାଣ୍ଡ ନିର୍ମାଣ ହେଉଛି। ଜିଲାରେ ୮ଟି ବ୍ଲକ ରହିଥିବାବେଳେ ଗଣିଆ ବ୍ଲକରେ ବସଷ୍ଟାଣ୍ଡ ନିର୍ମାଣ ହୋଇ ସାରିଲାଣି। ତେବେ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗଣିଆ ବଜାରଠାରୁ ଅଧ କିମି ଦୂରରେ ଥିବା ଏହି ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି। ଅନ୍ୟପକ୍ଷେ ଲକ୍ଷ୍ମୀ ବସ ଚଳାଚଳ କଲେ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଯିବ ବୋଲି ଚର୍ଚ୍ଚା ହେଉଛି। ସେହିପରି ଖଣ୍ଡପଡ଼ା ଓ ରଣପୁରରେ ବସଷ୍ଟାଣ୍ଡ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିଛିଦିନ ପରେ ଏହାକୁ ଉଦ୍‌ଘାଟନ କରାଯିବ। ପୁଣି ନୂଆଗାଁ ବ୍ଲକରେ ନୂଆଗାଁ ବସଷ୍ଟାଣ୍ଡ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି। ଦଶପଲ୍ଲା, ଓଡ଼ଗାଁ ଓ ନୟାଗଡ଼ରେ ବସଷ୍ଟାଣ୍ଡ ରହିଛି। ଗାଁରୁ ପଞ୍ଚାୟତ, ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲା ସଦର ମହକୁମା, ଜିଲା ସଦର ମହକୁମାରୁ ରାଜଧାନୀ ଭୁବନେଶ୍ୱରରେ ସୁବିଧାରେ ଓ କମ ଖର୍ଚ୍ଚରେ ଲୋକ ପହଞ୍ଚିବା ପାଇଁ ସରକାର ଲକ୍ଷ୍ମୀ ବସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଗତ ୧୨ ତାରିଖରେ ମାଲାକାନାଗିରି ଜିଲା ଷ୍ଟାଡିୟମରେ ଲକ୍ଷ୍ମୀବସ ଉଦ୍‌ଘାଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲାକାନାଗିରି ଜିଲା ପାଇଁ ଲକ୍ଷ୍ମୀ ବସ ସେବା ଉଦ୍‌ଘାଟନ କରି କହିଥିଲେ ସାରା ଓଡ଼ିଶାରେ ଲକ୍ଷ୍ମୀ ବସ ଗଡିବ ବୋଲି ଘୋଷଣା କରିଛନ୍ତି। ନୟାଗଡ଼ ବ୍ଲକରେ ୪ଟି ଲକ୍ଷ୍ମୀ ବସ ଦିନକୁ ୧୬ ରାଉଣ୍ଡ କରି ୯୪୦ କିମି ପରିକ୍ରମା କରିବ। ରଣପୁର ବ୍ଲକରେ ୬ଟି ଲକ୍ଷ୍ମୀ ବସ ୨୪ ରାଉଣ୍ଡ ପରିକ୍ରମା କରି ୧୩୮୨ କିମି ଅତିକ୍ରମ କରିବ। ସେହିଭଳି ଓଡ଼ଗାଁ ବ୍ଲକରେ ଲକ୍ଷ୍ମୀବସ ୮୩୪ କିମି ଦିନକୁ ଗଡିବ। ବ୍ଲକ ପାଇଁ ୫ଟି ବସର ସୁବିଧା ରହିଥିବାବେଳେ ୧୪ ରାଉଣ୍ଡ ଦିନକୁ ବୁଲିବ। ନୂଆଗାଁ ବ୍ଲକରେ ୪ଟି ଲକ୍ଷ୍ମୀ ବସ ୧୫ ରାଉଣ୍ଡରେ ୧୧୦୬ କିମି ଦିନକୁ ବୁଲିବ। ସେହିପରି ଭାପୁର ବ୍ଲକରେ ୪ଟି ବସ, ଦଶପଲ୍ଲା ବ୍ଲକରେ ୪ଟି, ଗଣିଆ ବ୍ଲକରେ ୩ଟି ବସ ଗଡିବାର ପ୍ରସ୍ତାବ ଅଛି।

## ଘରୋଇ ବସ୍ ସେବାରେ ଲୋକେ ଅତିଷ୍ଠ

ଘରୋଇ ବସ୍ ସେବାରେ ଯାତ୍ରୀ ଅତିଷ୍ଠ ହୋଇ ପଡିଥିବା ଅଭିଯୋଗ ହୋଇଆସୁଛି। ଜିଲାବାସୀ ଭୁବନେଶ୍ୱରରୁ ନୟାଗଡକୁ ମୋ ବସ ଚଳାଚଳ କରିବାକୁ ଦାବି କରୁଥିଲେ। ଲକ୍ଷ୍ମୀବସ ସେବା ସରକାର ରାଜ୍ୟରେ ଆରମ୍ଭ କରିଥିବାବେଳେ ନୟାଗଡ଼କୁ ତୁରନ୍ତ ଏଥିରେ ସାମିଲ କରିବାକୁ ଦାବି ଉଠିଲାଣି। ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ଯାତ୍ରୀ ଠିକ୍ ସେବା ପାଉ ନ ଥିବା ଅଭିଯୋଗ ରହିଛି। ପ୍ରଥମତଃ କିଲୋମିଟର ହିସାବରେ ସରକାର ଧାର୍ଯ୍ୟ କରିଥିବା ଟଙ୍କାରୁ ଅଧିକ ନିଆ ଯାଉଛି। ପୁଣି ବୋଲଗଡ, ବେଗୁନିଆ, ଖୋର୍ଦ୍ଧା ପରି ଅଞ୍ଚଳକୁ ଗଲେ ସିଟ ମନା। ଭୁବନେଶ୍ୱର ଗଲେ ଆଜ୍ଞା ଆପଣ କହି ସିଟ୍ ଦେଉଛନ୍ତି। ଘରୋଇ ବସରେ ଯାତ୍ରୀ ଠେଲାପେଲା ହୋଇ ଆସୁଛନ୍ତି। ଲକ୍ଷ୍ମୀ ବସ ପଡିଲେ ଘରୋଇ ବସ କର୍ମଚାରୀଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବ। ଯାତ୍ରୀ ଘରୋଇ ବସରେ ଗଲାବେଳେ ଯେଉଁ ଭଳି ଭିଡ ସେଥିରୁ ମୁକ୍ତି ମିଳିବ। ସବୁ ଯାତ୍ରୀ ସିଟ୍ ପାଇ ପାରିବେ। ଅନ୍ୟପକ୍ଷେ ଗାଁ, ବ୍ଲକ, ଜିଲା, ରାଜଧାନୀ ସହ ନୟାଗଡ଼ ଜିଲାର ସମ୍ପର୍କ ଅଧିକ ମଜଭୁତ୍ ହେବ।

# ଟିପିସିଓଡିଏଲ କାର୍ଯ୍ୟାଳୟ ଘେରିଲେ ଅସ୍ଥାୟୀ ଲାଇନ୍‌ମ୍ୟାନ


ଅସ୍ଥାୟୀ ଲାଇନମ୍ୟାନମାନେ ଟିପିସିଓଡିଏଲର ମ୍ୟାନେଜରଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

୪ ଦଫା ଦାବି ପୂରଣ ନେଇ ଦକ୍ଷିଣ କାଳୀ ଠିକା ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଟିପିସିଓଡିଏଲର ମ୍ୟାନେଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅସ୍ଥାୟୀ ଲାଇନମ୍ୟାନମାନେ ସୋମାବର ଘେରାଉ କରିଥିଲେ। ୧୩ଜଣ କର୍ମଚାରୀଙ୍କୁ ପୁଣି ନିଯୁକ୍ତି, ସୁରକ୍ଷା ଉପକରଣ ଯୋଗାଇବା, ଜଏନ ଲେଟର ପ୍ରଦାନ କରିବା, ଚାକିରି ସର୍ତ୍ତାବଳୀ ପ୍ରଦାନ ଦାବରେ ଧାରଣା ହୋଇଥିଲା। ଅଭିଯୋଗ ଅନୁସାରେ, ଜିଲାରେ ୨୬୬ଠିକା ଲାଇନମ୍ୟାନ ଅଛନ୍ତି। ଏମାନଙ୍କୁ ପୁଣି ନୂଆ ନିଯୁକ୍ତି ଦିଆଯାଇଛି। ଏଥିର ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବରରେ ୨୨୪ ଓ ୨ୟରେ ୮ଜଣ ନିଯୁକ୍ତି ପାଇ ସାରିଛନ୍ତି। ତେବେ ୧୩ ଜଣଙ୍କୁ ନିଯୁକ୍ତି ମିଳୁନି। ନିଯୁକ୍ତି କାହିଁକି ଦିଆଯାଉନି ତା'ର ସନ୍ତୋଷ ଜନକ କାରଣ ପଚାରିଲେ ମିଳୁନି। ଅସ୍ଥାୟୀ ଲାଇନମ୍ୟାନମାନେ ସ୍ଥାନୀୟ ଅଞ୍ଚଳରେ ଗୋଟିଏ ଷ୍ଟେସନରେ ୧୧ବର୍ଷ ହେଲା କାମ କରୁଛନ୍ତି। ୧୩ଜଣଙ୍କୁ ଚାକିରି ନ ମିଳିବାରୁ ବାରମ୍ବାର ଅଭିଯୋଗ କରିଥିଲୁ। ହେଲେ ସୁଫଳ ନ ମିଳିବାରୁ ୪ ଦଫା ଦାବି ପୂରଣ ନେଇ ସ୍ଥାନୀୟ ସେକ୍ସନ ଅଫିସ ସମ୍ମୁଖରେ ଗତ ୧୯ ତାରିଖରୁ ଧାରଣା ଦିଆଯାଇଥିଲା। ୮ ଦିନ ପର୍ଯ୍ୟନ୍ତ ଧାରଣା ହୋଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଟିପିସିଓଡିଏଲର ମ୍ୟାନେଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଭିଯୋଗ ପାଇ ଜିଲା ଶ୍ରମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ନଭେମ୍ବର ୨ରେ ଟାଟା କମ୍ପାନୀ ସହ ଆଲୋଚନା କରାଯିବ। ଦାବି ପୂରଣ ନ ହେଲେ ପୁଣି ଟିପିସିଓଡିଏଲର ମ୍ୟାନେଜରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏଣୁ ସୋମବାରର ଧାରଣା ପ୍ରତ୍ୟାହୃତ ହୋଇଥିବା ସଂଘ ସମ୍ପାଦକ ସଞ୍ଜୟ ସାହୁ ଓ ପରିଚାଳନା ବୋର୍ଡ ସଦସ୍ୟ ଆଲୋକ କୁମାର ରାଉତ କହିଛନ୍ତି।

# ପୋଖରୀରେ ବୁଡ଼ି ୨ ନାବାଳକ ଭାଇଙ୍କ ମୃତ୍ୟୁ

ନୟାଗଡ଼,୩୦।୧୦(ଲୋକନାଥ ମିଶ୍ର)

**ଟିଉଶନରୁ ଫେରି ଗାଧୋଇବାକୁ ପୋଖରୀକୁ ଯାଇଥିଲେ**

ପୋଖରୀରେ ବୁଡ଼ି ୨ ନାବାଳକ ଭାଇଙ୍କର ମୃତ୍ୟୁ ହୋଇଛି। ଇଟାମାଟି ଥାନା ବାଉଁଶିଆପଡା ପଞ୍ଚାୟତ ଅଭିମାନପୁର ଗାଁରେ ସୋମବାର ପୂର୍ବାହ୍ନରେ ଏଭଳି ଘଟିଛି। ମୃତକ ହେଲେ କାର୍ତ୍ତିକ କରଙ୍କ ପୁଅ ଲିଙ୍କୁନ(୧୨) ଓ ସର୍ବେଶ୍ୱର କରଙ୍କ ପୁଅ ରୋସନ କୁମାର (୧୧)। ଟିଉସନରୁ ଫେରି ନିଜ ଗାଁ ପୋଖରୀକୁ ୨ ଭାଇ ଗାଧୋଇବାକୁ ଯାଇଥିଲେ। ୨ଜଣଙ୍କ ମୃତ୍ୟୁ ୨ ପରିବାର ସହ ଗାଁରେ ଶୋକର ଛାୟା ଖେଳି ଯାଇଛି।

ଅଭିମାନପୁର ଗାଁର କାର୍ତ୍ତିକ ଓ ସର୍ବେଶ୍ୱର ବଡ ବାପା ଓ ଦଦା ପୁଅ ଭାଇ। କାର୍ତ୍ତିକ ବୟସରେ ବଡ। ସେ ବିଦ୍ୟୁତ୍ ବିଭାଗରେ ଚାକିରି କରିଛନ୍ତି। କିଛିଦିନ ତଳେ ବିଦ୍ୟୁତ୍ ଦୁର୍ଘଟଣାରେ ଆହତ ହୋଇ ବର୍ତ୍ତି ଯାଇଥିଲେ। ପୁଣି ଏକ ଦୁର୍ଘଟଣାରେ ଆହତ ହୋଇ ଭଲ ହୋଇନାହାନ୍ତି। ତାଙ୍କର ଏକମାତ୍ର ପୁତ୍ର ଲିଙ୍କୁନ ବାଉଶିଆପଡା ସ୍କୁଲରେ ୬ଷ୍ଠ ଶ୍ରେଣୀରେ ପାଠ ପଢ଼ନ୍ତି। ସେହିପରି ସର୍ବେଶ୍ୱରଙ୍କର ପୁଅ ଓ ଝିଅ ଦୁଇଟି ସନ୍ତାନ। ପୁଅ ରୋଷନ ଗାଁ ସ୍କୁଲ ଅଭିମାନପୁରରେ ୫ମ ଶ୍ରେଣୀରେ ପାଠ ପଢ଼ନ୍ତି। ୨ ଭାଇ ଟିଉସନରୁ ଫେରିଥିଲେ। ସ୍କୁଲକୁ ଯିବା ପାଇଁ ୨ ଭାଇ ଗାଧୋଇବାକୁ ପୋଖରୀକୁ ଯାଇଥିଲେ। ହେଲେ ସ୍କୁଲ ସମୟ ଅତିକ୍ରମ ପରେ ମଧ୍ୟ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି ପରେ ସନ୍ଧାନ ପାଇ ନ ଥିଲେ। ପୋଖରୀରେ ଖୋଜିବା ବେଳେ ଉଭୟଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ଇଟାମାଟି ଥାନା ପୋଲିସ ମୃତଦେହ ଦ୍ୱୟକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଉଠା ଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ଦାବି

ଓଡ଼ଗାଁ,୩୦।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ ତଥା ଏନ୍ଏସି ଅଞ୍ଚଳରେ ପ୍ରାୟ ମାସେ ହେଲା ବର୍ଷା ନ ଥିବା କାରଣରୁ ଧାନ ଫସଲ ଏକ ପ୍ରକାର ମରିବାକୁ ବସିଲାଣି। ଏପରିସ୍ଥଳେ ଏସବୁର ମୁକାବିଲା କରିବାକୁ ଓଡ଼ଗାଁ ଏନ୍ଏସି ୧ ନଂ. ୱାର୍ଡ ମାନପୁର ଗ୍ରାମରେ ଉଠାଜଳସେଚନ ବିଭାଗ ପକ୍ଷରୁ ନିକଟସ୍ଥ ନଦୀରେ ଉଠା ଜଳସେଚନ ପ୍ରକଳ୍ପ କରାଯାଇ ବିଭାଗ ପକ୍ଷରୁ ଗ୍ରାମ୍ୟ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ପାଣି ପଞ୍ଚାୟତ ପ୍ରକଳ୍ପ ପରିଚାଳନା କରୁଥିବା ବେଳେ ଚଳିତବର୍ଷ କାଳବୈଶାଖୀରେ ତାର ଛିଣ୍ଡି ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିଲା। ହେଲେ ତାର ସଂଯୋଗ ନ ହେବାରୁ ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଛି। ଶତାଧିକ ଏକର ଧାନ ଫସଲ ପାଣି ବିନା ମରିବାକୁ ବସିଛି। ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ଏ ଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଟାଟା ପାୱାରର ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ହିମାଂଶୁ


@ ରାହୁଲ


@ ଜୟଶ୍ରୀ


@ ରମାକାନ୍ତ


@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶୈବ ପୀଠରେ କାର୍ତ୍ତିକ ସୋମବାରରେ ଭକ୍ତଙ୍କ ଭିଡ଼

ଖଣ୍ଡପଡା,୩୦।୧୦(ଅଜୟ କୁମାର ମହାରଣା)


ନୀଳମାଧବ ଜୀଉଙ୍କ ଦାମୋଦର ବେଶ ।

କାର୍ତ୍ତିକ ମାସର ପ୍ରଥମ ସୋମବାର ଯୋଗୁ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଭକ୍ତମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବିଶେଷକରି ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହାଛଡା ପ୍ରତ୍ୟୁଷରୁ ମନ୍ଦିରରେ ହବିଷ୍ୟାଳିମାନଙ୍କ ଭିଡ ପରିଲିକ୍ଷିତ ହୋଇଥିବା ବେଳେ ଶ୍ରୀଜୀଉଙ୍କ ଦାମୋଦର ବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଶ୍ରୀଜୀଉଙ୍କ ସକାଳ ଅନ୍ନଭୋଗ ଲାଗି ହେବା ପରେ ସୋମବାର ଅବସରରେ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଦେବତା ସିଦ୍ଧେଶ୍ୱର ମହାଦେବଙ୍କ ବେଢା କରାଯାଇଥିଲା।

## ଖଣ୍ଡପଡ଼ାର ପବିତ୍ର ମାଟି ଦିଲ୍ଲୀରେ ପହଞ୍ଚିଲା

ଖଣ୍ଡପଡ଼ା,୩୦।୧୦(ଅଜୟ କୁମାର ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ମୋ ମାଟି, ମୋ ଦେଶ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କ ସ୍ମୃତି ରକ୍ଷା ନିମନ୍ତେ ଦିଲ୍ଲୀରେ ସ୍ଥାପନ ହେବ ଅମୃତ ବାଟିକା। ଏଥିଲାଗି ଖଣ୍ଡପଡା ଅଞ୍ଚଳରୁ ସଂଗୃହିତ ମାଟି ନେଇ ସଞ୍ଜୟ ପ୍ରଧାନ, ଅଜୟ ନାୟକ ଓ ବିନାୟକ ସେନାପତି ପ୍ରମୁଖ ଟ୍ରେନ ଯୋଗେ ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସୋମବାର ସେହି ମାଟି ଦିଲ୍ଲୀରେ ପହଞ୍ଚିଛି।

# ଜିଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଭାପୁର, ୩୦।୧୦ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଜୀକୃତ ୨୦୯ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଭାବେ ୭୫ ଅଭିଯୋଗ ଥିଲା। ସାମୂହିକ ଗ୍ରାମ ବିବାଦ ୧୪ ଗୋଟିର ଶୁଣାଣି କରାଯାଇ ସମୁଦାୟ ୧୩୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୧୧୮ ଓ ରେଡ୍‌କ୍ରସ ପାଣ୍ଠିରୁ ୨ଜଣଙ୍କୁ ସହାୟତା ପାଇଁ ଆବେଦନ କରିଥିଲେ। ଅବଶିଷ୍ଟ ଅଭିଯୋଗ ଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ଏସ୍‌ପି ରାହୁଲ ଜୈନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚାରୁ କୁମାର ବଳ, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ରଣଜିତ କୁମାର ମଲ୍ଲିକ, ତହସିଲଦାର ଲଗ୍ନଜିତ ବେହେରା, ଫତେଗଡ ଆଇଆଇସି ସୁଜିତ କୁମାର ଦାସ, ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ୟାଗୁଡିକର ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।



ଜନଶୁଣାଣି ଶିବିରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅନ୍ୟମାନେ।

# ଖବର ପ୍ରକାଶନ ପରେ ସତ ଓକାଳିଲା ବିଭାଗ

ନୂଆଗାଁ, ୩୦।୧୦(ଧନେଶ୍ୱର ସାହୁ)

**ବିଭାଗ ବିଭ୍ରାନ୍ତିକର ତଥ୍ୟ ଦେବା ଘଟଣା**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ଗୁଡୁପାଙ୍ଗି ଗ୍ରାମବାସୀ ଦୀର୍ଘ ୮ ମାସ ହେଲା ପାନୀୟ ଜଳ ଯୋଗାଣରୁ ବଞ୍ଚିତ ହେବା ସଂକ୍ରାନ୍ତରେ ଖବର ପ୍ରକାଶିତ ହେବା ପରେ ଏହାର ଉତ୍ତର ରଖିବା ପାଇଁ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଟୁଇଟ କରାଯାଇଥିଲା। ଉକ୍ତ ଟୁଇଟର ପ୍ରତି ଉତ୍ତରରେ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ (ଚିଠି ନଂ. ୪୩୫୬) ଆରଡବ୍ଲ୍ୟୁଏସ୍ଏସ୍ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଉଥିବା ନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। 'ବିଭାଗ ଦେଉଛି ବିଭ୍ରାନ୍ତିକର ତଥ୍ୟ' ଖବରଟିକୁ ଜ୍ୟୋତି ପ୍ରକାଶ ନାମକ ଜଣେ ଯୁବକ ବିଭାଗୀୟ ଉଚ୍ଚପଦାଧିକାରୀମାନଙ୍କୁ ଟୁଇଟ କରି ଜଣାଇ ଥିଲେ। ତେବେ ପୁନର୍ବାର ତଦନ୍ତ କରି ଠିକ୍ ତଥ୍ୟ ଦେବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ବିଭାଗ ସତ ଓକାଳିବାକୁ ବାଧ୍ୟ ହୋଇ ଠିକ୍ ତଥ୍ୟକୁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ଚିଠି ନଂ. ୪୪୪୮/୨୭।୧୦।୨୩ ତଥ୍ୟ ଅନୁସାରେ ଗୁଡୁପାଙ୍ଗି ଗ୍ରାମରେ ୮ ଟି ନଳକୂଅ ସଚଳ ଅଟେ। ଉକ୍ତ ୮ ଗୋଟି ସଚଳ ନଳକୂଅରୁ ବାହାରୁଥିବା ପାଣିକୁ ନୟାଗଡ଼ ସବ୍‌ଡିଭିଜନାଲ ଲାବରେଟୋରିରେ ପରୀକ୍ଷା କରାଯିବାରେ ୪ ଗୋଟି ନଳ କୂଅରୁ ଅତ୍ୟଧିକ ଲୁହା ମିଶ୍ରିତ ପାଣି ବାହାରୁଥିବା ଜଣାପଡିଛି। ତେଣୁ ଲୋକମାନେ ତାହାକୁ ବ୍ୟବହାର ନ କରିବା ପାଇଁ ଜଣାଇ ଦିଆଯାଇଛି। ସେଗୁଡିକୁ ନାଲି ରଙ୍ଗରେ ଛକି ଚିହ୍ନ ଦେବା ସହ ୨୪ ଘଣ୍ଟା ମଧ୍ୟରେ ତାହାର ହ୍ୟାଣ୍ଡେଲ ଖୋଲିବା ନିଷ୍ପତ୍ତି ନିଆଯାଇଥିବା କଥା ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ପମ୍ପ ହାଉସ୍ ଚଲାଇବା ପାଇଁ କୌଣସି ନିୟମିତ ଅପରେଟର ନ ଥିବା କାରଣରୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଥିଲା। ତେଣୁ ପଞ୍ଚାୟତ ବୈଠକରେ ରେଜୁଲେଶନ କରି ଜଣେ ସ୍ଥାୟୀ ଅପରେଟରକୁ ନିୟୋଜିତ କରିବା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ବର୍ତ୍ତମାନ ଲୋକଙ୍କୁ ଶୁଦ୍ଧ ଓ ପ୍ରଚୁର ପରିମାଣର ପାନୀୟ ଜଳ ଯୋଗାଇ ଦିଆଯାଉଥିବା ଉକ୍ତ ଟୁଇଟରେ ଲେଖାଯାଇଛି।

ଗୁଡୁପାଙ୍ଗି ଗ୍ରାମର ୪ ଟି ୱାର୍ଡରେ ଦୀର୍ଘ ୮ ମାସ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା। ତେଣୁ ଗୁଡୁପାଙ୍ଗି ଗ୍ରାମରେ ଥିବା ନଳକୂଅ ଓ ନଦୀ ଚୁଆ ପାଣିକୁ ବ୍ୟବହାର କରିବା ପାଇଁ ବାଧ୍ୟ ହେଉଥିଲେ। ଫଳରେ ଅନେକ ଲୋକ କୀଡିନ ରୋଗରେ ମୃତ୍ୟୁ ହୋଇଥିବା ବେଳେ ସହ ଆଉ କିଛି ବ୍ୟକ୍ତି ବର୍ତ୍ତମାନ ମଧ୍ୟ କୀଡିନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ଅଧିକାରୀ କିମ୍ବା ଜନ ପ୍ରତିନିଧି ସେଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ଅଧିକାରୀଙ୍କୁ ଗୁଡୁପାଙ୍ଗି ପାନୀୟ ଜଳ ସମସ୍ୟା ବାବଦରେ ପଚାରିଲେ ସେମାନେ ଭୁଲ ତଥ୍ୟ ଦେଉଥିଲେ। ୮ ମାସ ହେଲା ଜଳ ଯୋଗାଣ ବନ୍ଦ ଥିଲେ ମଧ୍ୟ ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଥିବା କହୁଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗୁଡୁପାଙ୍ଗିବାସୀଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଥିଲା।

## ସଂକ୍ଷେପରେ

### ପ୍ରାଣୀ ନିରୀକ୍ଷକଙ୍କଠାରୁ ଟଙ୍କା ଛଡ଼ାଇ ଜଣେ ଗିରଫ

#### ମୃତ ଛେଳିର ଚିକିତ୍ସା ପାଇଁ ଡାକିଥିଲେ

**କୁଜଙ୍ଗ, ୩୦।୧୦(ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ଜଣେ ପ୍ରାଣୀ ନିରୀକ୍ଷକଙ୍କୁ ମୃତ ଛେଳି ଚିକିତ୍ସା କରିବାକୁ ଡାକି ଟଙ୍କା ଛଡ଼ାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସତ୍ୟବ୍ରତ ଦାସ ଓରଫ ସିଲୁ। ରବିବାର ସତ୍ୟବ୍ରତଙ୍କ ଏକ ଛେଳି କୌଣସି କାରଣରୁ ମରିଯାଇଥିଲା। ମାତ୍ର ସେ ଚକ୍ରାନ୍ତ କରି ପ୍ରାଣୀ ନିରୀକ୍ଷକ ସୁଶାନ୍ତ ଦାସଙ୍କୁ ଚିକିତ୍ସା ପାଇଁ ଡାକିଥିଲେ । ସୁଶାନ୍ତ ତାଙ୍କ ଘରେ ପହଞ୍ଚି ଛେଳି ମରିପଡ଼ିଥିବା ଦେଖି ଆଉ କିଛି କରିହେବ ନାହିଁ ବୋଲି କହିଥିଲେ। ଏହି ସମୟରେ ସତ୍ୟବ୍ରତ ଓ ଅନ୍ୟ ଦୁଇ ଜଣ ସହଯୋଗୀ ସୁଶାନ୍ତଙ୍କୁ ମାଡ଼ି ବସି ୨୦ ହଜାର ଟଙ୍କା ଦାବି କରିବା ସହ ତାଙ୍କ ପାଖରେ ଥିବା ୩ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏପରିକି ସୁଶାନ୍ତଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ଫୋନ ପେ ମାଧ୍ୟମରେ ଅବଶିଷ୍ଟ ୧୭ ହଜାର ଟଙ୍କା ଦେବାକୁ ଧମକାଇ ଥିଲେ। କୌଶଳକ୍ରମେ ସୁଶାନ୍ତ ସେମାନଙ୍କ କବଳରୁ ଖସି ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି କୁଜଙ୍ଗ ପୋଲିସ ଥାନାରେ ମାମଲା (ନଂ. ୪୭୪/୨୩) ରୁଜୁ କରିଛି। ସତ୍ୟବ୍ରତଙ୍କ ନାମରେ ଥାନାରେ ବିଭିନ୍ନ ଅପରାଧିକ ମାମଲା ପୂର୍ବରୁ ରହିଛି ବୋଲି ଆଇଆଇସି ରଶ୍ମି ରଞ୍ଜନ ଦାଶ କହିଛନ୍ତି।

### ମାଡ଼ ମାରି ଟଙ୍କା ଲୁଟ୍ ଘଟଣା: ଫେରାର ଅଭିଯୁକ୍ତ ଗିରଫ

**କୁଜଙ୍ଗ,୩୦।୧୦(ମନୋଜ ପ୍ରଧାନ)**

କଟକ-ପାରାଦୀପ ରାସ୍ତାର ବଳରାମପୁର ନିକଟରେ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରି ଗତ ୧୨ତାରିଖ ରାତିରେ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ରବିବାର ରାତିରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅମୂଲ୍ୟ ସାହୁ। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୪୫୧/୨୩) ରୁଜୁ କରାଯାଇଛି।

### ଭାଜପା ନେତା ଭୁବନ ଜେନାଙ୍କ ପିତୃ ବିୟୋଗ

**କେନ୍ଦ୍ରାପଡ଼ା, ୩୦।୧୦(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଭୁବନ ମୋହନ ଜେନାଙ୍କ ପିତା ସୁଶୀଲଙ୍କ ୮୮ବର୍ଷ ବୟସରେ ସୋମବାର ପୂର୍ବାହ୍ନରେ ଭଗେଶ୍ୱରପୁର ବାସଭବନରେ ପରଲୋକ ହୋଇଯାଇଛି। ସେ ବହୁଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। କେନ୍ଦ୍ରାପଡ଼ାର ବଳଦେବ ହାଇସ୍କୁଲରେ ବହୁଦିନ ଧରି ସେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମର ଶରୀରରେ ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ସିପ୍ରା ମଲ୍ଲିକ, ଅଲେଖ ଜେନାଙ୍କ ସମେତ କେନ୍ଦ୍ରାପଡ଼ା ପୌରଧକ୍ଷା ସରିତା ସାହୁ, ଜିଲା ପରିଷଦ ସଭାପତି ଗୀତା ସେଠୀ, ଭାଜପା ନେତା ସୁକାନ୍ତ ଦ୍ୱିବେଦୀ, ବ୍ରଜ କିଶୋର ଭୂୟାଁ, ଦୁର୍ଯ୍ୟୋଧନ ସାହୁ, ସୁନାକର ବେହେରା, ବଟକୃଷ୍ଣ ପରିଡା, ଜ୍ଞାନ ବେହୁରା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ନଭେମ୍ବର ୧ରୁ ଧାମରାରୁ ଦେବୀ ମୁହାଣ ମାଛଧରା କଟକଣା

**ରାଜନଗର,୩୦।୧୦(ଭାସ୍କର ରାଉତରାୟ)**

### ଗହୀରମଥାକୁ ଆସୁଛନ୍ତି ଅତିଥି ଅଲିଭ ରିଡ୍‌ଲେ


ଗହୀରମଥାରେ ଲାଗି ଥିବା ହାଇସ୍ପିଡ଼ ବୋଟ।

ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ କେନ୍ଦ୍ରାପଡ଼ା ଜିଲା ବଙ୍ଗୋପସାଗର ଗହୀରମଥା ସାମୁଦ୍ରିକ କଇଁଛ ଅଲିଭ ରିଡ୍‌ଲେଙ୍କ ତୀର୍ଥସ୍ଥଳୀ। ଅତିଥି ଅଲିଭ ରିଡ୍‌ଲେ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମକରି ଗହୀରମଥାର ନିଷିଦ୍ଧ ଜଳରାଶିରେ ପାଦ ଥାପିବେ। ଆସୁଥିବା ଆଗନ୍ତୁକ ଅତିଥି ଅଲିଭ ରିଡ୍‌ଲେ ସୁରକ୍ଷା ଓ ନିରାପଦ ପ୍ରଜନନ ପ୍ରକ୍ରିୟାକୁ ଆଖି ଆଗରେ ରଖି ଧାମରାଠାରୁ ଦେବୀମୁହାଣ ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ ବ୍ୟାପକ କଟକଣା ବ୍ୟବସ୍ଥା କରାଯାଉଛି। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଦ୍ଭୁତଶାଳ ଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ୧୪୩୫ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଣରୁ ଦେବୀ ମୁହାଣ ଯାଏଁ ୧୬୦ କି.ମି. ପର୍ଯ୍ୟନ୍ତ ଲାଗିବ କଟକଣା। ନଭେମ୍ବର ୧ରୁ ମେ ୩୧ ଯାଏ ୭ ମାସ ଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଥିବାବେଳେ କଇଁଛ ରତୁ ନିମନ୍ତେ ମତ୍ସ୍ୟ ବିଭାଗ ପକ୍ଷରୁ ଧାମରା ମୁହାଣରୁ ଦେବୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ରକୂଳଠାରୁ ୨୦ କି.ମି. ଯାଏଁ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହ ମାଛଧରା ଉପରେ କଟକଣା ଜାରି କରାଯାଇଛି ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ଏଥିସହ ଏହି ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିରେ ୨ଟି ଅଫିସର ଓ ୧୪ଟି ସ୍ଥାନରେ ଟ୍ରଟଲ୍ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯିବ। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ୍ ପୋଲିସ, ମତ୍ସ୍ୟ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରିବେ। ସ୍ମରଣଯୋଗ୍ୟ, ୧୯୭୪ ରେ ଆମେରିକାର ବିଶିଷ୍ଟ ପ୍ରାଣୀବିଜ୍ଞାନୀ ଡ. ଏଚ୍.ଆର୍.ବଷ୍ଟାର୍ଡ ଭିତରକନିକାର ବଉଳା କୁମ୍ଭୀରମାନଙ୍କ ଉପରେ ଗବେଷଣା କରିବାକୁ ଆସି ଗହୀରମଥାର ଏହି ବିରଳ କଇଁଛ ସମାଗମ ସ୍ଥଳ ଦେଖି ଏହା ଅଲିଭ ରିଡ୍‌ଲେ ପ୍ରଜାତିର ବୋଲି ଚିହ୍ନଟ କରିଥିଲେ। ପରେ ଏହି ବିରଳ କଇଁଛଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ ପ୍ରଣୟନ ଓ କଟକଣା ଲାଗୁ କରାଯାଇଛି। ୧୯୯୭ ସେପ୍ଟେମ୍ବର ୨୭ରେ ରାଜ୍ୟ ସରକାର ଗହୀରମଥାକୁ ରାଜ୍ୟର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା, ୧୯୯୩ରେ ଓଡ଼ିଶା ମେରାଇନ୍ ଫିସ୍ ରିଜୋଲ୍ୟୁଶନ୍ ଆକ୍ଟ ୧୯୮୧ ଅନୁସାରେ ଗହୀରମଥାକୁ ନୋ ଫିଶିଂ ଜୋନ୍ ଘୋଷଣା, ସମୁଦ୍ର କୂଳଠାରୁ ୨୦ କି.ମି. ଯାଏଁ ମେଶିନ ଡଙ୍ଗା ବା ଟ୍ରଲର ସାହାଯ୍ୟରେ ମାଛଧରା ନିଷେଧ, କଇଁଛଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨, ପରିବେଶ ସୁରକ୍ଷା ଆଇନ ୧୯୮୬, କୋଷ୍ଟାଲ ରିଜୋଲ୍ୟୁଶନ୍ ଜୋନ ୧, ୨, ୩ ଏବଂ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଆଇନ ୧୯୮୨ ମଧ୍ୟ ରହିଛି।

# ଜଗତ୍‌ସିଂହପୁର ୩ ଛାତ୍ରୀଙ୍କ ସଫଳତା



ମହିଳା କିକ୍ ବକ୍ସିଂରେ ସଫଳତା ପାଇଥିବା ଜଗତ୍‌ସିଂହପୁରର ୩ ଛାତ୍ରୀ ଓ ଅନ୍ୟମାନେ।

**ପାରାଦୀପ, ୩୦।୧୦(ଶରତ ରାଉତ)**

### ଖେଲୋ ଇଣ୍ଡିଆ ମହିଳା କିକ୍ ବକ୍ସିଂ

ସୁନ୍ଦରଗଡ ଜିଲାର ରାଉରକେଲା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗତ ୨୮ ଓ ୨୯ରେ ଖେଲୋ ଇଣ୍ଡିଆ ଅଧୀନରେ ମହିଳା କିକ ବକ୍ସିଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ପାରାଦୀପର ୩ ଛାତ୍ରୀଙ୍କୁ ବିଶେଷ ସଫଳତା ମିଳିଛି। ପିପିଏଲ ଡିଏଭି ସ୍କୁଲ ଛାତ୍ରୀ ପଶୁପୁଲେଣି ସାରଳଗ୍ରେସ ୭୦ କେଜି ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପାରାଦୀପଗଡ ଶ୍ରୀମା ବିଦ୍ୟାପୀଠର ଛାତ୍ରୀ ଶୁଭଶ୍ରୀ ପ୍ରଧାନ ୪୫ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି। ପାରାଦୀପ କଲେଜ ଛାତ୍ରୀ ଶାଶ୍ୱତୀ ବିଭୂସୀତା ପ୍ରିୟଦର୍ଶିନୀ ୨ଟି ବର୍ଗରେ ତୃତୀୟ ସ୍ଥାନ ପାଇଛନ୍ତି ବୋଲି କୋଚ କାହ୍ନୁ ମଲ୍ଲିକ ଓ ଅମରଜ୍ୟୋତି ରାଉତ ସୂଚନା ଦେଇଛନ୍ତି। ଉକ୍ତ ୩ ଛାତ୍ରୀ ସୋମବାର ପାରାଦୀପରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ବ୍ୟକ୍ତି ବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଛି ସୁରଭି



ଡେରାବିଶ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଡେରାବିଶ, ୩୦।୧୦(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଶିକ୍ଷା ମଣ୍ଡଳ ପକ୍ଷରୁ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ନରସିଂହପୁର ପଞ୍ଚାୟତ ତିଲଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତି ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ମଲିକ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅର୍ନ୍ତନିହିତ ପ୍ରତିଭାକୁ ବିକଶିତ କରିବାରେ ସୁରଭି ସମୟ ଉପଯୋଗୀ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ନରହରି ସୂତାର, ଗୁରୁଚରଣ ଷଡ଼ଙ୍ଗୀ ଏବଂ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ଲେଙ୍କା ଯୋଗଦେଇଥିଲେ। ସେମାନେ ଶିକ୍ଷା ସହ ଖେଳ, ନୃତ୍ୟ ଓ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ସୁରଭି ମାଧ୍ୟମରେ ପରିପ୍ରକାଶ ହେବା ଉପରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶିତ କରୁଥିବା କେତେଜଣ ଛାତ୍ରୀଙ୍କୁ ପ୍ରାଧ୍ୟାପକ ରାଉତ ପୁରସ୍କୃତ କରିଥିଲେ। ସେହିପରି ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ବିଡିଓ ଦାଶରଥି ଜେନା, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ସୁଧୀର ଖଟୁଆ ଯୋଗଦେଇ ପିଲାଙ୍କ ପାଇଁ ସୁରଭି ଏକ ପ୍ରସ୍ଫୁଟିତ ଫୁଲର ବାସ୍ନା ସାଜିଥିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଜିଲା ସ୍ତରକୁ ମନୋନୀତ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଅଗ୍ରୱାଲ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଅଶୋକ ମହାପାତ୍ର ଅତିଥି ପରିଚୟ ଓ ସିଆରସିସି ଲଲାଟ କେଶରୀ ଭୂୟାଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଅଧୀନ ୧୭ଟି କ୍ଲଷ୍ଟରରୁ ମନୋନିତ ହୋଇଥିବା ୩୦୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୮ ଜଣ ଛାତ୍ରୀଛାତ୍ର ଜିଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ। ଏହାକୁ ସିଆରସିସି ପ୍ରଶାନ୍ତ ଶତପଥୀ, ରମେଶ ଚନ୍ଦ୍ର ପତି, ଅଭିରାମ ମିଶ୍ର, ସୁଜାତା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ଭାଜପା ମହିଳା ମୋର୍ଚ୍ଚାର ୬ଜଣିଆ ପ୍ରତିନିଧି କଲେଜ ଅଧ୍ୟକ୍ଷଙ୍କୁ ଭେଟିଲେ

#### କଲେଜ ଛାତ୍ରୀ ଅପହରଣ, ବଳାତ୍କାର ଉଦ୍ୟମ ଅଭିଯୋଗ

**ପାଟକୁରା ୩୦।୧୦(ରବୀନ୍ଦ୍ର ନାଥ ବାରିକ )**

ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଉଦ୍ୟମ ଅଭିଯୋଗ ମାମଲାରେ ଅଧିକ ତଥ୍ୟ ପାଇବାକୁ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର ୬ଜଣିଆ ପ୍ରତିନିଧି ମଣ୍ଡଳୀ କୋଦାନଗରୀ ଥାନା ଅଞ୍ଚଳର ଏକ କଲେଜକୁ ଯାଇଥିଲେ। ସମ୍ପୃକ୍ତ କଲେଜର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଘଟଣା ବିଷୟରେ ଆଲୋଚନା କରିଥିଲେ। ସେମାନେ ହେଲେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ଉପସଭାନେତ୍ରୀ ଡା. ରଞ୍ଜିତା, ସମ୍ପାଦିକା କାଞ୍ଚନବାଳା ଦାସ, ଜିଲା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ରାଜ୍ୟ ମିଡ଼ିଆ ସଂଯୋଜକ ଜୟଲକ୍ଷ୍ମୀ ମଲିକ, ରାଜ୍ୟ ସଂଯୋଜକ ରାଜଲକ୍ଷ୍ମୀ ଦାସ, ଜିଲା ସାଧାରଣ ସମ୍ପାଦିକା ଝିଲି ଦାସ, ନମିତା ବଳ, ଲକ୍ଷ୍ମୀପ୍ରିୟା ପତି, ନୃପତି ମଲ୍ଲିକ ଓ ମଣ୍ଡଳ କୋଷାଧ୍ୟକ ପଦ୍ମିନୀ ସେଠୀ ସାମିଲ ଥିଲେ। କଲେଜରେ ଆଲୋଚନା କରିବା ପରେ ପ୍ରତିନିଧି ମଣ୍ଡଳୀ ପୀଡିତା ଛାତ୍ରୀଙ୍କ ଘରେ ପହଞ୍ଚି ଆଲୋଚନା କାରିଥିଲେ। ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ୩ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ‘ଦୁର୍ନୀତି ନିବାରଣରେ ଦେଶର ବିକାଶ’



କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହାରାନ୍ଧ ଓ ଅନ୍ୟ ଅଧିକାରୀମାନେ।

**ପାରାଦୀପ,୩୦।୧୦(ଶରତ ରାଉତ)**

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ବସଷ୍ଟାଣ୍ଡ ନିକଟରେ ସୋମବାର ସକାଳୁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହାକୁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉଦ୍‌ଘାଟନ କରିଥିଲେ। ପରେ ବନ୍ଦର ପ୍ରଶାସନିକ ଭବନରେ କର୍ମଚାରୀମାନଙ୍କୁ ନେଇ ଏକ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ଦୁର୍ନୀତି ନିବାରଣ ଦେଶର ବିକାଶ ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ଏହି ସପ୍ତାହ ପାଳନ ଅବସରରେ ଏକ ସଚେତନତା ରଥ ସହର ପରିକ୍ରମା କରିବ। ସପ୍ତାହବ୍ୟାପୀ ସ୍କୁଲ ପିଲାମାନଙ୍କୁ ନେଇ ବକ୍ତୃତା, କୁଇଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାଛଡ଼ା କାନମାସ ନାଟ୍ୟ ଅନୁଷ୍ଠାନ ଜରିଆରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯିବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସୁରଭି କାର୍ଯ୍ୟକ୍ରମରେ ୩୨୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ

**ଆଳି,୩୦।୧୦(ବନମାଳୀ ସେନାପତି)**



ଆଳି ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆଳି ବ୍ଲକରେ ଥିବା ୧୭ଟି କ୍ଲଷ୍ଟରରୁ ୩୨୩ଜଣ ପ୍ରତିଯୋଗୀ ସୋମବାର ସୁରଭି କାର୍ଯ୍ୟକ୍ରମରେ ପ୍ରତିଯୋଗୀ ଭାବେ ଥିଲେ। ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରତିଯୋଗିତାର ପ୍ରଥମ କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଏହା ଆଳି ବ୍ଲକ ଚଣ୍ଡିଆଗଡି ହାଇସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଛି। ଏହି ଏକଦିବସୀୟ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଉଦ୍‌ଘାଟନ କରିଥିଲେ। ଆଳି ଶିକ୍ଷା ମଣ୍ଡଳ ଅଧିକାରୀ ରତିକାନ୍ତ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାଶ ଓ ବିଶିଷ୍ଟ ବକ୍ତା ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମିନତି ବାରିକ, ପତ୍ରପୁର ଏସକେସି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରାଧନା ଦାଶ ଓ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ମୋ ସ୍କୁଲ ଅଭିଯାନ ସଭାପତି ନାରାୟଣ ଲେଙ୍କା, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାମଦେବ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କହିଥିଲେ, ଆଜିର ଯୁଗ ହେଉଛି ପ୍ରତିଯୋଗିତାର ଯୁଗ। ଏହି ପ୍ରତିଯୋଗିତାରେ ହାରଜିତ ଲାଗି ରହିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବାକୁ ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଶିକ୍ଷା ମଣ୍ଡଳ ଅଧିକାରୀ ପାବନୀ କୁମାର ରାଉତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ ନରହରି ସୂତାର, ସମ୍ମାନୀତ ଅତିଥି ଭାବେ ସହଦେବ ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଜିଲା ପରିଷଦ ସଦସ୍ୟ ସ୍ୱାଗତିକା ରାଉତ, ଚକ୍ରଧର ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଆଳି ମଣ୍ଡଳ ସହ ଶିକ୍ଷା ଅଧିକାରୀ ଉଦକର ସାମଲ ପ୍ରମୁଖ ଯୋଗଦେଇଥିଲେ।

# ସମସ୍ତ ନୀତିନିୟମ ଉଲ୍ଲଂଘନ: ୧୦ ନୂଆ ପ୍ରାଥମିକ କୃଷି ସମବାୟ ସମିତି

**ଆଳି,୩୦।୧୦(ବନମାଳୀ ସେନାପତି)**

ଆଳି ବ୍ଲକରେ ସମସ୍ତ ପ୍ରକାର ନୀତିନିୟମକୁ ଉଲ୍ଲଂଘନ କରାଯାଇ ୧୦ଟି ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରାଯାଇଛି ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା ଜିଲା ସମବାୟ ସେଲ ସଂଯୋଜକ ବ୍ରଜ ସୁନ୍ଦର ଭୂୟାଁଙ୍କ ଆବାହାକରେ ଆୟୋଜିତ ସମ୍ମିଳନୀରେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଭାଜପା ନେତା ବୈକୁଣ୍ଠ ପରିଡା, ସୁବାସ ପାତ୍ର ଯୋଗ ଦେଇଥିଲେ। ସେମାନେ ଏହି ସମ୍ମିଳନୀରେ ଅଭିଯୋଗ ବାଢ଼ିଥିଲେ, ରାଜ୍ୟ ସମବାୟ ବିଭାଗର ନିଷ୍ପତ୍ତି ଅନୁଯାୟୀ ସାରା ରାଜ୍ୟରେ ୧୩୦୦ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗଠନ କରାଯିବ, ଏହି ସମିତି ଗୁଡିକ ଓଡ଼ିଶା ସମବାୟ ସମିତି ଆକ୍ଟ ୧୯୬୨ ଅନୁସାରେ ଗଠନ କରାଯିବ, ଏହି ସମୟରେ ନିୟମ ଅନୁସାରେ, ଯେଉଁ ସମବାୟ ସମିତିରୁ ଏକ ନୂତନ ସମବାୟ ଗଠିତ ହେବ ମୂଳ ସମବାୟ ସମିତିର ଅଡିଟ ପ୍ରଥମେ କରାଯିବ। ତାହା ପରେ ମୂଳ ପ୍ରାଥମିକ କୃଷି ସମବାୟ ସମିତି ନୂତନ ସମବାୟ ସମିତି ଗଠନ କରିବାକୁ ରିଜୋଲ୍ୟୁଶନ କରିବ, ଏହା ଏଠାରେ କରାଯାଇ ନାହିଁ। ଏହି ଗଠନ ପୂର୍ବରୁ ଜନସାଧାରଣଙ୍କ ନିମନ୍ତେ ପବ୍ଲିକ ସ୍ଥାନରେ ନୋଟିସ ଲଗାଯିବ, ଏହା ହୋଇନାହିଁ। ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀଙ୍କୁ ନୂତନ ସମବାୟ ସମିତିରେ ନିଯୁକ୍ତି ଦିଆଯିବା ସମ୍ପୂର୍ଣ୍ଣ ବେଆଇନ ଅଟେ। ଏ ବିଷୟରେ ଭାଜପା ସମବାୟ ସେଲ ପକ୍ଷରୁ ଜିଲା ସମବାୟ ସମିତି ସହକାରୀ ରେଜିଷ୍ଟ୍ରାରଙ୍କୁ ଜଣାଇବା ପରେ ମଧ୍ୟ କିଛି ଫଳ ନ ମିଳିବାରୁ ସେମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ବିଚାର କରି ତୁରନ୍ତ ଘଟଣା ବିଷୟରେ ୩ ମାସ ମଧ୍ୟରେ ଜଣାଇବା ପାଇଁ କେନ୍ଦ୍ରାପଡ଼ା ଜିଲା ସମବାୟ ସମିତି ସହକାରୀ ରେଜିଷ୍ଟ୍ରାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଡକାୟତି ଘଟଣା: ୪ ଜଣଙ୍କୁ ୫ ବର୍ଷ କାରାଦଣ୍ଡ

**ପଟ୍ଟାମୁଣ୍ଡାଇ ୩୦।୧୦(କଳ୍ପତରୁ ନାୟକ)**

ଏକ ଡକାୟତି ମାମଲାର ବିଚାର କରି ପଟ୍ଟାମୁଣ୍ଡାଇ ସହକାରୀ ଦୌରା ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକ ସୋମବାର ୪ ଜଣ ଦୋଷୀଙ୍କୁ ୫ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି। ଏହି ମାମଲାରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଶରେ ଖଲାସ କରିଛନ୍ତି ବୋଲି ସରକାରୀ ଓକିଲ ରବୀନ୍ଦ୍ର କୁମାର ଦାଶ କହିଛନ୍ତି। ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଫାଣ୍ଡି ଅଧୀନ ଅଣ୍ଟେରା ଗାଁର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ଗଦାଧର ମଲ୍ଲିକଙ୍କ ଘରୁ ୨୦୨୨ ଏପ୍ରିଲ ୨୯ ସନ୍ଧ୍ୟା ସାଢେ ୭ ଟାରେ ପୁଅ ଦେବାଶୀଷ ମଲ୍ଲିକ, ବୋହୂ ମମତା ମଲ୍ଲିକ ଓ ନାତୁଣୀ ତପସ୍ୱିନୀ ମଲ୍ଲିକ ଘରେ ଥିବା ସମୟରେ ଡକାୟତମାନେ ପିସ୍ତଲ, ଭୁଜାଲି ଓ ଅନ୍ୟ ମାରଣାସ୍ତ୍ର ସଜ୍ଜିତ ଥିଲେ। ପରିବାର ଲୋକ କିଛି ବୁଝିବା ପୂର୍ବରୁ ଡକାୟତମାନେ ପିସ୍ତଲରେ ଆକ୍ରମଣ କରି ପୁଅ ଦେବାଶିଷଙ୍କ ମୁଣ୍ଡକୁ ଫଟାଇ ଦେଇଥିଲେ। ବୋହୂ ମମତା ପ୍ରତିବାଦ କରିବାରୁ ତାଙ୍କୁ ଡକାୟତମାନେ ପିଟି ଥିଲେ। ଘରେ ଥିବା ନଗଦ ୪୦ ହଜାର ଟଙ୍କା ସହ ୩ଟି ସୁନା ମୁଦି, ସୁନା ବଳା, ୨ ହଳ ଚୁଡ଼ି, କାନଫୁଲ ଓ ନାତୁଣୀ ତପସ୍ୱିନୀଙ୍କ କାନଫୁଲ ଇତ୍ୟାଦି ଲୁଟି ନେଇଥିଲେ। ଡକାୟତମାନେ ମଧ୍ୟ ଘରର ୨ଟି ମୋବାଇଲକୁ ନେଇ ଯିବା ସହ ଆସନ୍ତାକାଲି ୧୫ ଲକ୍ଷ ଟଙ୍କା ରଖି ଥିବା ନ ହେଲେ ପରିବାରର ସମସ୍ତଙ୍କୁ ଜୀବାନରୁ ମାରି ଦେବା ପାଇଁ ଧମକ ଦେଇ ଯାଇଥିଲେ। ଏହି ଘଟଣାକୁ ନେଇ ୩୦।୪।୨୨ରେ ଚଉଦକୁଲାଟ ଫାଣ୍ଡିରେ ଡ.ଗଦାଧର ମଲ୍ଲିକ ଏତଲା ଦେଇଥିଲେ। କେନ୍ଦ୍ରାପଡ଼ା ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ତତ୍କାଳ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ତତ୍କାଳ ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଫୋରେନସିକ ଟିମର ସହାୟତାରେ ଘଟଣାର ଛାନଭିନ ଚଳାଇ ଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ହୃଷୀକେଶ ମଲ୍ଲିକ, ଅସୀମ ମହାନ୍ତି, ସେକ୍ ମୁସ୍ତାକିନ, ମନୋରଞ୍ଜନ ରଣା, ସଞ୍ଜୟ ବିଶ୍ୱାଳ, ଅଭିଜିତ ଜେନା, ସୁନା ଦୋକାନୀ ସର୍ବେଶ୍ୱର ସାହୁ ପ୍ରଭୃତିଙ୍କ ନଂ.୨୦୬/୨୨ରେ ମାମଲା ରୁଜୁ କରି ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଇତିମଧ୍ୟରେ ଡ.ମଲ୍ଲିକଙ୍କ ମୃତ୍ୟୁ ହୋଇ ସାରିଛି। ଘଟଣାର ୧୮ମାସ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ସହକାରୀ ଦୌରା ଜଜ୍ ମଲ୍ଲିକ ଅଭିଯୁକ୍ତ ହୃଷୀକେଶ ମଲ୍ଲିକ , ଅସୀମ ମହାନ୍ତି, ସେକ୍ ମୁସ୍ତାକିନ, ମନୋରଞ୍ଜନ ରଣା ୪ ଜଣ ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ସାକ୍ଷ୍ୟପ୍ରମାଣ ଅଭାବରୁ ୩ଜଣ ସଞ୍ଜୟ ବିଶ୍ୱାଳ, ଅଭିଜିତ ଜେନା, ସର୍ବେଶ୍ୱର ସାହୁଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ପ୍ରଗତିରେ ବାଧକ ସାଜିଛି ଦୁର୍ନୀତି

**ଜଗତ୍‌ସିଂହପୁର, ୩୦।୧୦ (ପ୍ରମୋଦ କୁମାର ନାୟକ)**

### ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ


ଜିଲାପାଳ ପାରୁଲ ପଟାୱାରି ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଉଛନ୍ତି।

ସମ୍ପ୍ରତି ଦେଶରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଲାଣି। ବିଶେଷକରି ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଧିକାରୀ ଓ କର୍ମଚାରୀମାନଙ୍କ ଦୁର୍ନୀତିଖୋର ମନୋଭାବ ଚିନ୍ତାର କାରଣ ପାଲଟିଛି। ଅପରପକ୍ଷେ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଏହା କେବଳ ପ୍ରହସନ କହିଲେ ଅତ୍ୟୁକ୍ତି ହେବନାହିଁ। ସାଧାରଣରେ ଏଭଳି ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ସୋମବାର ଚିରାଚରିତ ଢଙ୍ଗରେ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରିବାକୁ ନିଷ୍ପତ୍ତି ହୋଇଛି । ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ଶପଥପାଠ ଆଭାସୀ ମାଧ୍ୟମରେ ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟକ୍ରମ କରାଯାଇଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ପ୍ରତିବନ୍ଧକ ସାଜୁଥିବା ଦୁର୍ନୀତିର ମୂଳୋତ୍ପାଟନ କରିବା। ଅର୍ଥାତ୍ ନିଜର ଆଚରଣରେ ସଚ୍ଚୋଟତା ଓ ଆଇନର ଶାସନ ବ୍ୟବସ୍ଥାକୁ ଅନୁପାଳନ କରି ସମସ୍ତ ଦାୟିତ୍ୱକୁ ସାଧୁତା ଏବଂ ସ୍ୱଚ୍ଛତାର ସହ ସମ୍ପାଦନ କରିବା। ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଜିଲାସ୍ତରରେ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟାୱାରି, ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଲଗ୍ନଜିତ ରାଉତଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଓ ଲଗ୍ନଜିତ ରାଉତଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣର ଶପଥପାଠ କରାଯାଇଥିଲା। ଏହି ଉତ୍ସବରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଓ ଦୁର୍ନୀତି ନିବାରଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପଥର ଖାଦାନରେ ପଡ଼ି ବୃଦ୍ଧ ମୃତ

**ଛତିଆ,୩୦।୧୦(ସୌମ୍ୟରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଶାଳପଡ଼ା ପଞ୍ଚାୟତ ବଟବର ନିକଟରେ ଥିବା ଜଳପୂର୍ଣ୍ଣ ମାଙ୍କଡ଼ା ପଥର ଖାଦାନରେ ପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚନ୍ଦ୍ରମଣି ଦାସ(୬୨) । ବଟବର ଗ୍ରାମର ଚନ୍ଦ୍ରମଣି ଗାଇ ଚରାଇବା ପାଇଁ ଯାଇଥିଲେ। କୌଣସି କାରଣ ବଶତଃ ସେ ସେହି ଜଳପୂର୍ଣ୍ଣ ପଥର ଖାଦାନରେ ପଡି ଯାଇଥିଲେ। ଗାଈ ସନ୍ଧ୍ୟାରେ ଫେରି ଥିଲେ ମଧ୍ୟ ଚନ୍ଦ୍ରମଣି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଚନ୍ଦ୍ରମଣିଙ୍କ ଖୋଜ ଖବର ପାଇ ନ ଥିଲେ। ସୋମବାର ସକାଳୁ ପାଣି ଭର୍ତ୍ତି ଖାଦାନରେ କଣ୍ଟା ପକାଇ ଖୋଜିବା ପରେ ଚନ୍ଦ୍ରମଣିର ମୃତଦେହ ମିଳିଥିଲା। ବୈରୀ ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୩) ରୁଜୁ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ଜାରି ରହିଛି।

### ଅଗ୍ନିକାଣ୍ଡରେ ବାଛୁରୀ ମୃତ, ୩ ଗାଈ ଆହତ

**ବରୀ, ୩୦। ୧୦ (ମହେନ୍ଦ୍ର ସ୍ୱାଇଁ):**

ରବିବର ବିଳମ୍ବିତ ରାତିରେ ବରୀ ତହସିଲ ଅଧୀନ ଚନ୍ଦନପୁର ପଞ୍ଚାୟତ ବରାପାଳଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବାଛୁରୀର ମୃତ୍ୟୁ ଘଟିଥିବା ବେଳେ ୩ ଗାଈ ଆହତ ହୋଇଛନ୍ତି । ଉକ୍ତ ଗ୍ରାମର ଅଶୋକ ବେହେରାଙ୍କ ଗୁହାଳରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ଫଳରେ ବନ୍ଧା ହୋଇଥିବା ବାଛୁରୀ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୩ ଗାଈ ଆହତ ହୋଇଛନ୍ତି । ଅଗ୍ନିଶ୍ରମ ବାହିନୀ ନିଆଁକୁ ଆୟତ କରିବା ପୂର୍ବରୁ ଏଭଳି ଅଘଟଣ ଘଟି ସାରିଥିଲା। ବିଧାୟିକା ସୁନନ୍ଦା ଦାସ ଗାଁରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆହତ ଗାଈମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି ।

### ବିଡିଓ, ତହସିଲଦାରଙ୍କୁ ସ୍ୱାଗତ

**ବରୀ,୩୦।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀରେ ନୂତନ ତହସିଲଦାର ଭାବେ ଲୋକନାଥ ପ୍ରସାଦ ସେଠୀ ଯୋଗଦେଇଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ପଞ୍ଚାନନ ମଲିକ ଯୋଗଦେଇଛନ୍ତି। ଉଭୟଙ୍କ ଯୋଗଦାନ ପରେ ଆମ୍ବେଡ଼କର




ନୂତନ ବିଡିଓ, ତହସିଲଦାର

ବିକାଶ ପରିଷଦ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳର ନେତୃ ମଣ୍ଡଳୀ କାର୍ଯ୍ୟାଳୟରେ ପହଞ୍ଚି ଉଭୟଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ବରୀର ବିକାଶ କାର୍ଯ୍ୟ କି ଭଳି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ଉଭୟ ଅଧିକାରୀ ଚେଷ୍ଟା ଜାରି ରଖିବାକୁ ଅନୁରୋଧ କରିଥିଲେ ।

# ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

- ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କାମ ଆରମ୍ଭ ହେବ
- ଆବଶ୍ୟକ ଡାକ୍ତର ପଦବୀ ପୂରଣ ଉପରେ ଗୁରୁତ୍ୱ

**ବଡଚଣା,୩୦।୧୦(ଦିଲୀପ ମହାନ୍ତି)**



ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ବିଧାୟକ ଅମର ପ୍ରସାଦ ଶତପଥୀ ଏବଂ ଅନ୍ୟମାନେ ।

ସୋମବାର ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ୬ କୋଟି ୪୨ ଲକ୍ଷ ୫୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଉଦ୍‌ଘାଟନ କରିଛନ୍ତି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଘଡାଇ କହିଲେ, ଗମନାଗମନ ସୁବିଧା ଥିବାରୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଟକ ଢେଙ୍କାନାଳ ଓ ଯାଜପୁର ଜିଲାର ରୋଗୀମାନେ ଏଠାରେ ଚିକିତ୍ସା ସୁବିଧା ପାଉଛନ୍ତି । ଏଠାରେ ଆବଶ୍ୟକ ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ନିଯୁକ୍ତି ଉପରେ ସେ ଗୁରୁତ୍ୱାରୋପ କରିବା ସହିତ ଏହାକୁ ଏକ ଆଦର୍ଶ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ ବୋଲି କହିଥିଲେ । ବଡ଼ଚଣା ବିଧାୟକ ଶତପଥୀ ଜାତୀୟ ରାଜପଥ ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିବାରୁ ଏହାର ଗୁରୁତ୍ୱ ଅଧିକ । ଏହାର ବିକାଶ ଓ ଖାଲିଥିବା ଡାକ୍ତର ପଦବୀ ଖୁବ୍‌ଶୀଘ୍ର ନିଯୁକ୍ତି ଦେବାକୁ ସେ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନବୀକରଣ ପାଇଁ ୧୨ କୋଟି ଟଙ୍କା ଅନୁଦାନ ଦିଆଯାଇଛି ଓ ଏହାର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ କହିଥିଲେ । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଆଜି ଶିଶୁ ମାତୃ ମୃତ୍ୟୁ ହାର କମିଛି ବୋଲି ଶତପଥୀ କହିବା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବାର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ ।

ଯାଜପୁର ଜିଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଶୋକ କୁମାର ମିଶ୍ର, ଉପଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ପ୍ରସାଦ ନାୟକ, ସଭ୍ୟା ସସ୍ମିତା ମହାନ୍ତି, ଜୟଶ୍ରୀ ସାମଲ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ଜୟନ୍ତୀ ସ୍ୱାଇଁ, ସାଗରିକା ବିହାରୀ, ସମିତିସଭ୍ୟ ମଧୁସୁଦନ ବଳ, ଆମ୍ାର ଅଧକ୍ଷ ବିପିନ ବିହାର ଜେନା, ଡ. ପବନେଶ୍ୱର ଜେନା, ନିରଞ୍ଜନ ସେନାପତି, ରାସ୍ତା ଓ କୋଠାବାଡ଼ି ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ତପନ କୁମାର ସେଠୀ, ସହକାରୀ ଯନ୍ତ୍ରୀ ଅଜୟ କୁମାର ଦାସ, ଦୀପକ କୁମାର ମହାରଣା, ପାର୍ଥସାରଥୀ ପ୍ରୟାଗରାଜ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଯୁବନେତା ମିହିର କୁମାର ସ୍ୱାଇଁ ଓ ପ୍ରକାଶ କୁମାର ପ୍ରଧାନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହ ଉତ୍ସବରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ, ଯୁବନେତା ପ୍ରଦୀପ୍ତ ବଳଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୦ ଶଯ୍ୟାବିଶିଷ୍ଟ ଶିଶୁ, ମାତୃ ଯତ୍ନ ଗୃହ ଉଦ୍‌ଘାଟିତ

**କଳିଙ୍ଗନଗର,୩୦।୧୦(ଶୁଭାଶିଷ ରାଉତ )**

ଯାଜପୁର ଜିଲା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନୂତନ ଭାବେ ନିର୍ମିତ ୩୦ ଶଯ୍ୟା ବିଶିଷ୍ଟ ଶିଶୁ ଓ ମାତୃ ଯତ୍ନ ଗୃହକୁ ସୋମବାର ଅପରାହ୍ଣରେ ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରିଛନ୍ତି। ଦାନଗଦି ବ୍ଲକର ୨୩ ପଞ୍ଚାୟତର ଜନସାଧାରଣ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ୫ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ କରିଛନ୍ତି । ମାତୃ ଓ ଶିଶୁ ମାନଙ୍କ ପାଇଁ ଏହା ବେଶ ସହାୟକ ହୋଇପାରିବ। ୫-ଟିରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ତର୍ଭୁକ୍ତ କରାଯାଇଛି। ଯାହାକି ଆଗକୁ ସ୍ୱାସ୍ଥ୍ୟ ସେବାରେ ବହୁ ଉନ୍ନତି ଘଟିବା ସହ ଭିତ୍ତିଭୂମିର ମଧ୍ୟ ବିକାଶ ଘଟିବ ବୋଲି ମନ୍ତ୍ରୀ ଘଡ଼ାଇ କହିଛନ୍ତି । ଆଶାକର୍ମୀମାନଙ୍କ ଅଭିଯୋଗ ଶୁଣିବା ପାଇଁ ଡ଼ାକ୍ତରଖାନା ପରିସରରେ ଏକ ଅଭିଯୋଗ ବାକ୍ସ ଲଗାଇବାକୁ ମନ୍ତ୍ରୀ ଡାକ୍ତରଖାନା ଅଧିକାରୀ ଡାକ୍ତର ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏଡିପିଏଚ୍ ଡାକ୍ତର ପ୍ରଦୀପ୍ତ କୁମାର ସାହୁ ଯୋଗ ଦେଇ ଦାନଗଦି ବ୍ଲକର ୧ ଲକ୍ଷ ୩୨ ହଜାର ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଏହା ମଧ୍ୟରେ ୪ ଟିପିଏଚ୍‌ସି ରହିଛି। ଶିଶୁ ମୃତ୍ୟୁ ହାରକୁ ରୋକିବା ପାଇଁ ସରକାର ଏଭଳି ପଦକ୍ଷେପ ହାତକୁ ନେଇଛନ୍ତି, ଯାହାକି ଆଜି ଦାନଗଦି ଡ଼ାକ୍ତରଖାନାରେ ଲୋକାର୍ପଣ ହୋଇଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣୀ,୩ ଜିଲା ପରିଷଦ ସଭ୍ୟା, ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି,ଏମ୍‌ପିଙ୍କ ବ୍ଲକ ନୋମିନି ଲୋକନାଥ ଧିର,ତ୍ରୀଜଙ୍ଗା ସରପଞ୍ଚ କାଗଜି ପାତ୍ର, ସମିତି ସଭ୍ୟ ସସ୍ମିତା ପାତ୍ର ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଥିଲେ।

## ସ୍ୱଳ୍ପ ସଞ୍ଚୟ ରଥ ଉଦ୍‌ଘାଟିତ

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ସଞ୍ଚୟ ଏକ ଭଲ ଅଭ୍ୟାସ । ଛୋଟ ସଞ୍ଚୟ ବଡ଼ କାମରେ ବେଶ୍ ସହାୟକ ହୋଇଥାଏ । ସ୍ୱଳ୍ପ ସଞ୍ଚୟ ପକ୍ଷ ପାଳନ ଅବସରରେ ସୋମବାର ଯାଜପୁର ଜିଲା ପ୍ରଶାସନ ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଏକ ସଞ୍ଚୟ ରଥ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ (ପ୍ରଶାସନ) ନବକୃଷ୍ଣ ଜେନା ଏବଂ ଅତିରିକ୍ତ ଜିଲାପାଳ(ରାଜସ୍ୱ)ଶୁଭେନ୍ଦ୍ର କୁମାର ସାମଲ ଏହି ରଥକୁ ଉଦ୍‌ଘାଟନ କରି ବିନ୍ଦୁ ବିନ୍ଦୁ ଜଳରୁ ସିନ୍ଧୁ ହେଲା ପରି ପିଲା ବେଳୁ ସଞ୍ଚୟ ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା ଏହି ରଥର ପରିକଳ୍ପନା ବୋଲି କହିଥିଲେ । ଏହି ରଥ ଜିଲାର ପ୍ରତ୍ୟେକ ବ୍ଲକ୍ ପରିକ୍ରମା କରି ପ୍ରତ୍ୟେକ ବ୍ୟକ୍ତି ଆଜି ହିଁ ସଞ୍ଚୟ ନିମନ୍ତେ ସଚେତନତା ସୃଷ୍ଟି କରିବା ସହ ଜିଲାର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ କହିଥିଲେ।

## ମା'ଲକ୍ଷ୍ମୀଙ୍କ ପୂଜା ପାଇଁ ବାରବାଟୀ ଉତ୍ସବମୁଖର

**ରସୁଲପୁର,୩୦।୧୦(ରଞ୍ଜିତ ରାଉତ)**



ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓ ବଜାରରେ ମା'ଲକ୍ଷ୍ମୀଙ୍କ ଷଷ୍ଠ ବାର୍ଷିକ ପୂଜା ଚାଲିଛି । ୩ ଦିନ ଧରି ଚାଲିଥିବା ପୂଜା ପାଇଁ ସେହି ଅଞ୍ଚଳ ଉତ୍ସବମୁଖର ହୋଇଛି । ମୁଖ୍ୟ ପୁରୋହିତ ଅଭିରାମ ପତି, ସହଯୋଗୀ ଦର୍ଶନ ପଣ୍ଡା, ଜଗା କର ପ୍ରମୁଖ ପୂଜା ଦାୟିତ୍ୱ ତୁଲାଉଛନ୍ତି। ଘଟ ସ୍ଥାପନ ପରେ ସୂର୍ଯ୍ୟ ପୂଜା, ଧେନୁ ପୂଜା, ଷୋଡ଼ଶ ଉପଚାର ପୂଜା, ନୀତିକାନ୍ତି ପରେ ମା'ଙ୍କ ବିସର୍ଜନ ହେବ। କର୍ତ୍ତାକର୍ତ୍ତା ଭାବେ ରାମଚନ୍ଦ୍ର ଓଝା, ଆରତି ଓଝା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଅଜିତ କର, ସାଗର ସ୍ୱାଇଁ, ଚିତ୍ତ ସାହୁ, ରବୀନ୍ଦ୍ର ରାଉତ, ଲଳିତ ବାରିକ, ଶୁଭମ ସର ପ୍ରମୁଖ ସହଯୋଗ କରୁଛନ୍ତି । ପ୍ରତିଦିନ ସନ୍ଧ୍ୟାରେ ଭଜନ ସଂକୀର୍ତ୍ତନ ଚାଲିଛି। ଗାୟିକା ରୁନୁ ମନ୍ତ୍ରୀ ଓ ସାଥିମାନଙ୍କ ଦ୍ୱାରା ପାଲା ପରିବେଷଣ ହେଉଛି । ଏହି କାର୍ଯ୍ୟକ୍ରମକୁ ପୂଜା କମିଟି ସଭାପତି ମହେଶ୍ୱର ସର, ସମ୍ପାଦକ ଲକ୍ଷ୍ମୀଧର ରାଉତ, ଉପଦେଷ୍ଟା ନାରାୟଣ ସ୍ୱାଇଁ, ବ୍ରଜବନ୍ଧୁ ସ୍ୱାଇଁ, ସଦସ୍ୟ ପରେଶ ମହାରଣା, ରଞ୍ଜିତ ସ୍ୱାଇଁ, ଆର୍ତ୍ତବନ୍ଧୁ ପରିଡା, ପର୍ଶୁରାମ ସ୍ୱାଇଁ, ବିକ୍ରମ ଦାଶ, ପ୍ରକାଶ ସ୍ୱାଇଁ, କାର୍ତ୍ତିକ ଗାରେଡିଆ, ସଞ୍ଜୟ ପ୍ରଧାନ,ବିଶନାଥ ପରିଡା, ହୃଷିକେଶ ପ୍ରଧାନ, ବସନ୍ତ ସାହୁ, ଅମୂଲ୍ୟ ଦାଶ,ଅରୁଣ ମହାନ୍ତି, ଦିବ୍ୟରଞ୍ଜନ ପ୍ରଧାନ, ଦିଲ୍ଲୀପ ପଣ୍ଡା,ଦୀପ୍ତି ରଞ୍ଜନ ଶରଣ, ଈଶ୍ୱର ପ୍ରଧାନ ପ୍ରମୁଖ ପରିଚାଳନା କରୁଛନ୍ତି।

## କରଦାରେ ରାବଣ ପୋଡ଼ି

**ପାଣିକୋଇଲି, ୩୦।୧୦(ବିକାଶ କୁମାର ମଲିକ)**

କୋରାଇ ବ୍ଲକ କରଦା ହରିହାଟ ପଡ଼ିଆରେ ପ୍ରତିବର୍ଷ ପରି ଚଳିତ ବର୍ଷ ୮ମ ବାର୍ଷିକ ରାବଣପୋଡ଼ି ଓ ଆତସବାଜି ପ୍ରତିଯୋଗୀତା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ରାବଣପୋଡ଼ିରେ ଚଳିତ ବର୍ଷ ୧୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ଜମିଥିଲା । ସାମାଜିକ କର୍ମୀ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟି ପକ୍ଷରୁ କରଦା ମଠାଧିଶ ବାବା କୃଷ୍ଣ ଚନ୍ଦ୍ର ଦାସଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥି ଭାବେ କରଦା ସରପଞ୍ଚ ଅନିମା ମଲିକ, ସମିତି ସଭ୍ୟା ପଙ୍କଜିନୀ ସାହୁ, ବରିଷ୍ଠ ସାମାଜିକ କର୍ମୀ ସନ୍ତୋଷ କୁମାର ବେହେରା, କାର୍ତ୍ତିକ ଚନ୍ଦ୍ର ମଲିକ, କରଦା ହରିହାଟ କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ଖବରଦାତା ପ୍ରଦୀପ କୁମାର ମାଝି ପ୍ରମୁଖ ଯୋଗଦେଇଥିଲେ। କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ସେନାପତି ଓ ସମ୍ପାଦକ ରମେଶ ସାହୁଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୋବର୍ଦ୍ଧନ ଜେନା ଓ ହଳଧର ଜେନାଙ୍କ ଦ୍ୱାରା ଆତସବାଜି ପ୍ରତିଯୋଗିତା କରାଯାଇଥିଲା । ଶେଷରେ ମଠାଧିଶ ଓ ଅତିଥିମାନଙ୍କ ଦ୍ୱାରା ରାବଣଙ୍କ ଦେହରେ ଅଗ୍ନି ସଂଯୋଗ କରାଯାଇଥିଲା । କମିଟି ପକ୍ଷରୁ ଅଶୋକ କୁମାର ବେହେରା, ପ୍ରଶାନ୍ତ ଦାଶ ଓ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆତସବାଜୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗଜଲକ୍ଷ୍ମୀ ପୂଜାରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଗଜଲକ୍ଷ୍ମୀ ପୂଜା ଅବସରରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଧର୍ମଶାଳା,୩୦ ।୧୦ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ମା'ମଙ୍ଗଳା କମିଟି ଅନୁକୂଲ୍ୟରେ ରଘୁନାଥପୁରଠାରେ ଗଜଲକ୍ଷ୍ମୀଙ୍କ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହେଉଛି। ଏହି ପଞ୍ଚାୟତର ଜୋଗରଡା, ମୁରାରୀପୁର ଓ ରଘୁନାଥପୁର ଗ୍ରାମବାସୀ ଏହି ପୂଜାକୁ ସମ୍ପାଦନ କରିଥିଲେ । ଏହି ଅବସରରେ ମା'ମଙ୍ଗଳା କମିଟି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ପଞ୍ଚାୟତର ଜୋଗରଡା, ମୁରାରୀପୁର ଓ ରଘୁନାଥପୁର ଗ୍ରାମର ୨୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟିର ସଭାପତି ତଥା ଶିକ୍ଷାବିତ୍ ପୁରୁଷୋତ୍ତମ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ୍ ଶରତ କୁମାର କର, ଖବରଦାତା ରମାକାନ୍ତ ଜେନା, ଥାନା ଅଧିକାରୀ ତପନ କୁମାର ନାୟକ, ଶ୍ରୀକାନ୍ତ ପତି, ରତ୍ନପୂର୍ଣ୍ଣା ସାହୁ ,ଅଧ୍ୟାପକ ଡ. ଦିଲୀପ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାମ୍‌କୋ ସିମେଣ୍ଟର କମ୍ପାନୀର ଲୋକସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସିଂ, ଜିଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଓ ପୂର୍ବତନ ଜିଲାପରିଷଦ ସଭ୍ୟ ନିରଞ୍ଜନ ରାଉତ,ବିଜେଡି ଜିଲା ଉପସଭାପତି ଯତିନ୍ଦ୍ର ପ୍ରଧାନ, ବିଜେଡି ଛାତ୍ର ସଙ୍ଗଠନ ଜିଲା ସଭାପତି ଜଗଦାନନ୍ଦ ରାଉତ, ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା, ସରପଞ୍ଚ ନର୍ମଦା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ରାଉତ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପଞ୍ଚାନନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂସ୍କୃତି ଭବନରେ ଚାଲିଲା ସିନେମା

**ଯାଜପୁରରୋଡ,୩୦।୧୦(ପବିତ୍ରରଞ୍ଜନ ମହାନ୍ତି)**

ସୋମବାର ବ୍ୟାସନଗର ବ୍ୟାସଦେବ ସଂସ୍କୃତି ଭବନରେ ମିଶନ ଶକ୍ତି ପକ୍ଷରୁ ସିନେମା ପ୍ରଦର୍ଶନ କରାଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ତତ୍ତ୍ୱାବଧାନରେ ପ୍ରଥମ ମିଶନଶକ୍ତି ସିନେମା ହଲରେ ସିନେମା ଚାଲିଛି। ପ୍ରଥମ ସିନେମା ଭାବେ ରାଣୀଗଞ୍ଜ ସିନେମାକୁ ବ୍ୟାସନଗର ସଂଖ୍ୟାଧିକ ଦର୍ଶକଙ୍କ ସମେତ ପ୍ରଶାସନିକ ଅଧିକାରୀ,ଲୋକ ପ୍ରତିନିଧି,ଗଣମାଧ୍ୟମ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବରିଷ୍ଠ ନାଗରିକମାନେ ଦେଖିଥିଲେ । କୋଇଲା ଖଣିରୁ ଉଦ୍ଧାର ଶ୍ରମିକଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସିନେମା ଅନେକଙ୍କ ମନକୁ ଛୁଇଁ ଥିଲା । ଏହି ଚଳଚ୍ଚିତ୍ରରେ ଅକ୍ଷୟ କୁମାରଙ୍କ ବଳିଷ୍ଠ ଅଭିନୟ ସାଙ୍ଗକୁ ଗଭୀର କୋଇଲା ଖଣିରେ ଫସିଥିବା ଶତାଧିକ ଶ୍ରମିକଙ୍କୁ ଉଦ୍ଧାର କରିବାର ଦୃଢ ମନୋବଳ ଉପସ୍ଥିତ ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା। ସୋମବାର ଚଳଚ୍ଚିତ୍ର ପ୍ରଦର୍ଶନରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ,ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ,ବ୍ୟାସନଗର ତହସିଲଦାର ତଥା କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ ମାଝିଙ୍କ ସମେତ ପୌର ପରିଷଦର କାଉନସିଲର ଏବଂ ବ୍ୟାସନଗରର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଅତିଥିମାନେ ଶପଥପାଠ କରୁଛନ୍ତି ।

**ବଡ଼ଚଣା,୩୦।୧୦(ଦିଲୀପ ମହାନ୍ତି)**

ବଡ଼ଚଣା ବ୍ଲକ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ଜୀବନରେ କେବେ ଦୁର୍ନୀତି କରିବେ ନାହିଁ କିମ୍ବା ଏହାକୁ ପ୍ରୋତ୍ସାହନ ଦେବେ ନାହିଁ ବୋଲି ଶପଥ ନେଇଥିଲେ । ଅଧକ୍ଷ ମାହାଲା ଆମ ଦେଶ ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ହୋଇଥିଲେ ମଧ୍ୟ ଆମେ କିପରି ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଆପଣେଇ ନେଇଛୁ ବୋଲି ବର୍ଣ୍ଣନା କରିଥିଲେ। ଏହାକୁ ସମୁଳେ ବିନାଶ କରିବାକୁ ଆଜିର ଦିନରେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ପ୍ରମୋଦ କୁମାର ଖଣ୍ଡାଇ, ପୂର୍ବତନ ଅଧକ୍ଷ ବ୍ରଜ କିଶୋର ସ୍ୱାଇଁ ଯୋଗଦେଇ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଚାଲିଥିବା ଦୁର୍ନୀତି ଓ ତାର କୁପରିଣାମ କିପରି ଦେଶକୁ ଆର୍ଥିକ ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି ତାହା ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଞ୍ଚାଳିକା ତଥା ଏକାଡେମିକ୍ ବରିଷ୍ଠ ଅଧାପିକା ରଞ୍ଜିତା ସ୍ୱାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଅଧାପକ ନାରାୟଣ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ କିଶୋର କୁମାର ସାହୁ ଓ ପ୍ରସନ୍ନଜିତ ସାମଲ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ

**ପାଣିକୋଇଲି, ୩୦।୧୦ (ବିକାଶ କୁମାର ମଲିକ)**

ପାଣିକୋଇଲି ପଞ୍ଚାୟତ ମିଶନ ଶକ୍ତି ଗୃହଠାରେ ନାର୍ବାର୍ଡ଼ ସହାୟତାରେ ଏକ କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ବ୍ଲକ ବାଲିପୋଖରୀ ଗ୍ରାମର ନେତାଜୀ ଯୁବକ ସଂଘ ଦ୍ୱାରା ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ନାବାର୍ଡ଼ର ଯାଜପୁର ଜିଲା ବିକାଶ ପ୍ରବନ୍ଧକ ସୁବ୍ରତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ଗ୍ରାମ ବ୍ୟାଙ୍କ ପାଣିକୋଇଲି ଶାଖାର ପରିଚାଳକ ମନୋରଞ୍ଜନ ସେଠୀ , ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ରାମଚନ୍ଦ୍ର ବାରିକ, ନେତାଜୀ ଯୁବକ ସଂଘର ସମ୍ପାଦକ ବିଶମ୍ବର ସାହୁ, ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, ତାଲିମଦାତା ପଦ୍ମଲୋଚନ ଦତ, କାର୍ଯ୍ୟକ୍ରମ ସଂଯୋଜକ ଅଦ୍ୱୈତ୍ୟ କୁମାର ମଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ମହିଳା ଯୋଗ ଦେଇ ଖୋଟ ବ୍ୟାଗ ଓ ଫୋଲଡ଼ର ତିଆରି ଉପରେ ତାଲିମ ଗ୍ରହଣ କରିଥିଲେ। ଏଥି ସହିତ ପ୍ରଧାନମନ୍ତ୍ରୀ କିଷାନ କ୍ରେଡ଼ିଟ କାର୍ଡ ସମ୍ବନ୍ଧରେ ମଧ୍ୟ ସଚେତନତା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପଞ୍ଚାୟତସ୍ତରୀୟ ନେତୃବୃନ୍ଦ ଓ ଏମ୍‌ବିକେ ପରିଚାଳନାରେ ସହଯୋଗ କରିଥିଲେ।

# ଶପଥପାଠ କଲେ ବିଭାଗୀୟ ଅଧିକାରୀ,କର୍ମଚାରୀ

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**



ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତି ନିବାରଣ ପାଇଁ ଶପଥ ଗ୍ରହଣ କରୁଛନ୍ତି ।

ସାରା ରାଜ୍ୟରେ ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଉପଲକ୍ଷେ ଯାଜପୁର ଜିଲା କାର୍ଯ୍ୟାଳୟର ଓସ୍ୱାନ କକ୍ଷରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି କାର୍ଯ୍ୟକ୍ରମ ଜରିଆରେ ସମସ୍ତଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇବା ସହ ଜୀବନର ପ୍ରତ୍ୟେକସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ କରିବା ସହ ଦେଶବାସୀଙ୍କୁ ମୂଲ୍ୟବୋଧ ଭିତ୍ତିକ ସେବା ଯୋଗାଇ ଦେବାକୁ ଆହ୍ୱାନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଲେ, ୫-ଟି ଏବଂ ମୋ ସରକାର ସ୍ୱଚ୍ଛ ଶାସନ ସେବାରେ ଓଡ଼ିଶା ସମଗ୍ର ଭାରତ ବର୍ଷରେ ଦୁର୍ନୀତିମୁକ୍ତ ରାଜ୍ୟ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛି । ଦୁର୍ନୀତି ବିଭାଗକୁ ସକ୍ରିୟ କରିବା ପାଇଁ ରାଜ୍ୟ ସରକାର ଅତ୍ୟାଧୁନିକ କୌଶଳ ବ୍ୟବହାର କରିବା ସହ ରାଉରକେଲା ଓ ବାଲେଶ୍ୱର ପରି ୨ଟି ସ୍ଥାନରେ ନୂତନ ଭାବେ ଦୁର୍ନୀତି ଡିଜିଟାଲ ବିଭାଗ ଲୋକାର୍ପଣ କରି ସାଇବର ଠକେଇରେ ରୋକ୍ ଲଗାଇବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

ଓସ୍ୱାନ କକ୍ଷରେ ଅତିରିକ୍ତ ଜିଲାପାଳ(ପ୍ରଶାସନ)ନବକୃଷ୍ଣ ଜେନା, ଅତିରିକ୍ତ ଜିଲାପାଳ, (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭିଜିଲାନ୍ସ ଇନ୍ସପେକ୍ଟର ସୂଲୋଚନା ନାୟକ, ଏଏସ୍‌ଆଇ ଶ୍ରୀକାନ୍ତ କୁମାର ଦାସ, ଜିଲା ଏନ୍.ଆଇ.ସି. ଅଧିକାରୀ ସୁଧାଂଶୁ ମୋହନ ଶତପଥୀ, ଏଚ୍.ଆର.ଏମ୍.ଏସ୍. ମ୍ୟାନେଜର ସୁଧାଂଶୁ ଶେଖର ଦାସ, ସଂସ୍ଥା ଅଧିକାରୀ ଅଲେଖ ମହାରଣାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ପରେ ଜିଲା କାର୍ଯ୍ୟାଳୟ ନିକଟରେ ଦୁର୍ନୀତି ନିବାରଣ ସଚେତନତାର ବିଭିନ୍ନ ବାର୍ତ୍ତା ପରିବହନ କରୁଥିବା ରଥକୁ ସମସ୍ତ ବ୍ଲକରେ ପ୍ରଚାର ପ୍ରସାର ନିମନ୍ତେ ଅତିରିକ୍ତ ଜିଲାପାଳ ଜେନା ଏବଂ ସାମଲ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସେହିପରି ଦାନଗଦୀ ବ୍ଲକର ଜନ ଶୁଣାଣି ଶିବିରରେ ଜିଲାପାଳ ଚକ୍ରୱର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ, କଳିଙ୍ଗ ନଗର, ସନ୍ତୋଷ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ସ୍ମୃତିରେଖା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏସ୍. ଟପୋଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଶପଥ ପାଠ କରିଥିଲେ।

## ସଂକ୍ଷେପରେ

### ତୀର୍ଥଯାତ୍ରା ଗଲେ ୨ ବରିଷ୍ଠ ନାଗରିକ

ଆସିକା,୩୦।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସି ଲକ୍ଷ୍ମଣପଲ୍ଲୀ ଗ୍ରାମର ୨ ବରିଷ୍ଠ ନାଗରିକ ଗୋବିନ୍ଦ ବିଶ୍ୱାଳ ଓ ପୁଷ୍ପାଞ୍ଜଳୀ ବିଶ୍ୱାଳ ସୋମବାର ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କନ୍ୟାକୁମାରୀ ଓ ତ୍ରିବେନ୍ଦ୍ରମ ଯାଇଛନ୍ତି। ମଧ୍ୟାହ୍ନରେ ଆସିକା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଫକୀର ଚରଣ ପରିଡାଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ ଏହି ତୀର୍ଥଯାତ୍ରୀଙ୍କ ଗାଡିକୁ ସବୁଜ ପତାକା ଦେଖାଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ଏହି ତୀର୍ଥଯାତ୍ରୀଙ୍କୁ ବ୍ରହ୍ମପୁର ରେଳ ଷ୍ଟେଶନରେ ଜିଲା ପ୍ରଶାସନ ପକ୍ଷରୁ ଖୋଲା ଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସ୍ୱତନ୍ତ୍ର ପ୍ରକୋଷ୍ଠରେ ପହଞ୍ଚାଇ ଦିଆଯାଇଥିଲା ବୋଲି ବିଡିଓ କହିଛନ୍ତି।

### ତହସିଲଦାର ଭାବେ ଯୋଗଦେଲେ ଲୋପାମୁଦ୍ରା

ପୁରୁଷୋତ୍ତମପୁର,୩୦।୧୦(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରରେ ନୂତନ ତହସିଲଦାର ଭାବେ ଲୋପାମୁଦ୍ରା ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ କାମାକ୍ଷନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଗଞ୍ଜାମ ଜିଲା କ୍ରିଡା ବିଭାଗର ଓଏସ୍‌ଡି ଭାବେ ବଦଳି ହୋଇଛି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ୪୭ ପଞ୍ଜୀକୃତ

ଜି.ଉଦୟଗିରି,୩୦।୧୦(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୭ ଅଭିଯୋଗ ଆସିଥିଲା। ବିଶେଷକରି ଆବାସ ଯୋଜନା, ରାଶନ କାର୍ଡ, ରାସ୍ତା ସମସ୍ୟା, ଜମିଜମା, ପାଣି ସମସ୍ୟା, ଆର୍ଥିକ ସହାୟତା, ଶିକ୍ଷକ ବଦଳି ଆଦି ବିଷୟ ଉପରେ ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଆଶିସ ଈଶ୍ୱର ପାଟିଲଙ୍କ ସହିତ ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ବିଡିଓ ମନୋଜ କୁମାର ଦେବତା, ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗ ଦେଇଥିଲେ।

### ବାଇକ୍ ଚୋରି ମାମଲା, ଜଣେ କୋର୍ଟ ଚାଲାଣ

ଗୋପାଳପୁର,୩୦।୧୦(ନବୀନ ରାଜ ଆଚାରୀ)

ବାଇକ ଚୋରି କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ନାରାୟଣପୁର ଗ୍ରାମର ଶ୍ରୀଧର ବେହେରା (୨୦)। ଏହି ଥାନା ଅନ୍ତର୍ଗତ ପଥରା ଛକ ନିକଟରେ ସୋମବାର ପୋଲିସ ଯାଞ୍ଚ କରୁଥିବା ସମୟରେ ବାଇକ ଯୋଗେ ଶ୍ରୀଧର ଗ୍ରାମକୁ ଫେରୁଥିଲେ। ପୋଲିସ ଯାଞ୍ଚ ସମୟରେ ଶ୍ରୀଧର ବାଇକ କାଗଜ ପତ୍ର ଦେଖାଇ ପାରିନଥିଲେ। ପରେ ଥାନାରେ ଅଟକ ରଖି ପୋଲିସ ପଚାରଉଚରା କରିବା ବେଳେ ଗତ ୨୩ ତାରିଖରେ ଗୁରା ଗ୍ରାମର ବ୍ୟାଙ୍କ କୋଲନୀରେ ବାଇକ ଚୋରି କରିଥିବା ଜାଣାପଡ଼ିଥିଲା। ଏ ନେଇ ନଂ. ୪୨୧/୨୩ରେ ପୋଲିସ ଚୋରି ମାମଲାରେ ଶ୍ରୀଧରଙ୍କୁ ପୋଲିସ ଗିରଫ କରିବା ସହ ଚୋରିବାଇକ ଜବତ କରିଛି। ଶ୍ରୀଧର ନାଁରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

# ବର୍ଷା ନାହିଁ, ଜଳିବାକୁ ବସିଲାଣି ଧାନ ଫସଲ

## ଚିକିଟି ବ୍ଲକକୁ ମରୁଡ଼ି ଘୋଷଣା ଦାବି

ଚିକିଟି,୩୦।୧୦(ପ୍ରକାଶ ଚନ୍ଦ୍ର ସାହୁ)



ବର୍ଷା ଅଭାବରୁ ଜମିରେ ଧାନଗଛ ଶୁଖି ମରିଯିବାକୁ ବସିଛି।

ଚିକିଟି ବ୍ଲକରେ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ବିଳମ୍ବରେ ହେଲେ ମଧ ଦୁଇ ମାସ ତଳେ ହୋଇଥିବା ବର୍ଷାରେ ପ୍ରାୟ ଅଧିକାଂଶ ଜମିରେ ଧାନ ଚାଷ ହୋଇଥିଲା। କିନ୍ତୁ ବର୍ତ୍ତମାନ ବର୍ଷା ନ ହେବାରୁ ଜମି ଫାଟି ଆଁ କରିଥିବା ବେଳେ ଧାନଗଛ ଶୁଖି ମରିଯିବାକୁ ବସିଲାଣି। ଚାଷୀ ମଜୁରି ଦେଇ ଓ ସାର କିଣି ହତାଶ ହୋଇଥିବା ବେଳେ ଏବେ ପୁଣି ଧାର କରି କିରୋସିନ, ଡିଜେଲ ଓ ପାଣିପମ୍ପ ଟଙ୍କା ଦେଇ ଥକି ଗଲେଣି । ବର୍ତ୍ତମାନ ଧାନ ଗଛରୁ କେଣ୍ଡା ବାହାରୁଥିବା ବେଳେ ଜମିକୁ ପାଣି ମିଳୁନି । ମରୁଡ଼ି ପରିସ୍ଥିତିରେ ମୁକାବିଲା ପାଇଁ ଜିଲା କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ସୁନୁପୁର, ଗିରିସୋଲା, ଝଟିପଦର, ଚାନ୍ଦପୁର, ନୂଆପଡା, ଡଭାର ଆଦି ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି । ଉକ୍ତ ବ୍ଲକର ମୋଟ ୯୭୬୦ ହେକ୍ଟର ଜମିରେ ଧାନ ଚାଷ ରହିଥିବା ବେଳେ ୮୧୩୭ ହେକ୍ଟର ଜମିରେ ଜଳସେଚନର ସୁବିଧା ରହିଛି । ଆଉ ବଳକା ୧୬୨୩ ହେକ୍ଟର ଜମିରେ ସମ୍ପୂର୍ଣ୍ଣ ରୂପେ ବର୍ଷା ଉପରେ ନିର୍ଭରଶୀଳ । ଦୀର୍ଘ ଦୁଇ ମାସ ଧରି ବର୍ଷା ନ ହେବାରୁ ଜମି ଶୁଖି ଯାଇଛି। ବାଘଲଟି କେନାଲ ଦ୍ୱାରା ଚାନ୍ଦପୁର ପଞ୍ଚାୟତର ଚାନ୍ଦପୁର, ଦେଉଳିଆପଡା, ବାତରଡା, ବାଦୁଆ, ବଳରାମପୁର, ସୁନ୍ଦରଡା, ବେଲପନ୍ତି, ବୈଦ୍ୟନାଳଶାସନ ଆଦି ଅଞ୍ଚଳ ଜଳସେଚନର ବ୍ୟବସ୍ଥା ରହିଛି। ଅପରପକ୍ଷରେ ଲାଲମେଣ୍ଟା, କୁଟିଲିଙ୍ଗ, ରାମଚନ୍ଦ୍ରପୁର, ପିତାତଳି, କଳବାଡ ଆଦି ଅଞ୍ଚଳ ବାହୁଦା କେନାଲ ଉପରେ ନିର୍ଭର କରୁଥିଲେ ହେଁ ଠିକ ଭାବେ ପାଣି ଛଡ଼ା ଯାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ବିଳମ୍ବରେ ବର୍ଷା ହେବାରୁ ଡେରି ହେଉ ପଛେ ରୁଆ ବେଉଷଣ କରିଥିଲେ । ବର୍ତ୍ତମାନ ଦୁଇ ମାସ ହେଲା ବର୍ଷାର ନାଁ ଗନ୍ଧ ନାହିଁ । ଅମଳ ହେଲେ ପୁରୁଣା କରଜ ଶୁଝି ମୁକ୍ତି ପାଇବେ ବୋଲି ଆଶା କରିଥିଲେ । ବର୍ତ୍ତମାନ ଚାଷୀ ଏଭଳି ପରିସ୍ଥିତିକୁ କିପରି ସାମ୍ନା କରିବେ ଚିନ୍ତାରେ ପଡିଯାଇଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚିକିଟି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରାଯାଉ ବୋଲି ଚାଷୀଙ୍କ ପକ୍ଷରୁ ଦାବି ହେଉଛି ।

# ଛତ୍ରପୁରରେ ହକି ଷ୍ଟାଡିୟମ କାର୍ଯ୍ୟକ୍ଷମ ଦାବି

## ହଷ୍ଟେଲ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ

ଛତ୍ରପୁର,୩୦।୧୦(ସନ୍ତୋଷ ପାଢ଼ୀ)

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟିର ଅଧ୍ୟକ୍ଷ ବିକ୍ରମ ପଣ୍ଡା ରବିବାର ଛତ୍ରପୁର ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ। ଛତ୍ରପୁର ସହରର ବିକାଶମୂଳକ ଉପରେ ବିଜେଡ଼ି ଯୁବ ଗୋଷ୍ଠୀ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ। ଛତ୍ରପୁରରେ ଅତ୍ୟାଧୁନିକ ହକି ଷ୍ଟାଡିୟମକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଇବାକୁ କୁହାଯାଇଥିଲା। ସେହିପରି ଏକ ହକି ହଷ୍ଟେଲ ପ୍ରତିଷ୍ଠା କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ବିଶଦ୍ ଆଲୋଚନା ହୋଇଥିଲା। ଛତ୍ରପୁର ହକିର ଅନ୍ତୁଡ଼ିଶାଳ ବୋଲି ବହୁ ପୂର୍ବରୁ କଥିତ ଅଛି। ହକି ଖେଳରେ ଛତ୍ରପୁରର ସୁନାମ ରାଜ୍ୟର ପ୍ରଥମ ସ୍ଥାନରେ ରହିଥିଲା। କ୍ରିକେଟ ଖେଳ ପାଇଁ ଏହାର ଆଦର ଏବେ ବହୁତ କମିଯାଇଛି । ହକିକୁ ଆଦୃତ କରିବା ଓ ବିକାଶମୁଖୀ କରିବା ନିମନ୍ତେ ହକି ହଷ୍ଟେଲର ଆବଶ୍ୟକ। ତେବେ ଛତ୍ରପୁରରେ ହକି ହଷ୍ଟେଲ ନ ଥିବା ପରିତାପର ବିଷୟ।

ଏ ସମ୍ପର୍କରେ ବିହିତ ପଦକ୍ଷେପ ନିଆଯିବ ବୋଲି ବ୍ରହ୍ମପୁର ବିଧାୟକ ପଣ୍ଡା କହିଛନ୍ତି। ସେହିପରି ଜିଲା ସଦରମହକୁମା ଛତ୍ରପୁର ଏନ୍‌ଏସିରେ ବିକାଶ ପଛରେ ପଡିଛି। ସମସ୍ତ ୧୪ଟି ୱାର୍ଡର ସର୍ବାଙ୍ଗୀନ ଉନ୍ନତି ସହ ଏନ୍‌ଏସିକୁ ମୁନିସିପାଲିଟିରେ ରୂପାନ୍ତର କରିବାକୁ ସାମାଜିକ କର୍ମୀ କେ. ସତ୍ୟନାରାୟଣ ରେଡ୍ଡୀ ଦାବି କରିଛନ୍ତି। ସମସ୍ତ ଭିତ୍ତିଭୂମି ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଏ ଦିଗରେ ଧ୍ୟାନଦେବାକୁ ଉଭୟ ଏମ୍‌ପି ଓ ବ୍ରହ୍ମପୁର ବିଧାୟକଙ୍କୁ ସେ ଜଣାଇଛନ୍ତି। ଯୁବ ବିଜେଡି ସଭାପତି ଟି.ଚନ୍ଦ୍ରଶେଖର ରାଓ, ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ ପଣ୍ଡା, ଛତ୍ରପୁର ବାର ଆସୋସିଏଶନର ସମ୍ପାଦକ ଏଲ୍.ଗୋପୀ, ବିଜେଡି ନେତା କିଶୋର ସେନାପତି, ହକି କ୍ରୀଡ଼ାବିତ ରବୀନ୍ଦ୍ର ସେନାପତି, ବାଦଲ ପାଣ୍ଡି, ବାବୁଲି ସାହୁ ପ୍ରମୁଖ ଆଲୋଚନାରେ ସହମତି ପ୍ରକାଶ କରିଥିଲେ।

# ଜଳ ସ୍ୱଚ୍ଛ ରହିଲେ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ

ଭଞ୍ଜନଗର, ୩୦।୧୦(ବାବୁଲା ପ୍ରଧାନ)



ସଚେତନତା କାର୍ଯ୍ୟକ୍ରମ ଚାଲିଛି।

- ଫଟୋରେ ସୀମିତ ନରହୁ ସ୍ୱଚ୍ଛତା କାର୍ଯ୍ୟକ୍ରମ
- ଗଙ୍ଗା ନଦୀ ସ୍ୱଚ୍ଛତାର ଉଦାହରଣ

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଜଳ ପ୍ରଦୂଷଣ ରୋକିବା ସହ ସଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ସଫେଇ କାର୍ଯ୍ୟକ୍ରମ ସହ ଏକ ଶୋଭାଯାତ୍ରା ହୋଇଥିଲା। ଏହାପରେ ପାର୍କ ପରିସରରେ ପରିବେଶ ସୁରକ୍ଷା ଉପରେ ଏକ ସଚେତନତା ସଭା ହୋଇଥିଲା। ଅଧିକ୍ଷଣ ଯନ୍ତ୍ରୀ ରବିନ୍ଦ୍ରନାଥ ସେଠୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଚ୍ଛ ଭାରତ କାର୍ଯ୍ୟକ୍ରମ ଫୋଟରେ ସୀମିତ ନରହୁ । ଜଳ ସଚ୍ଛ ରହିଲେ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ, ଗଙ୍ଗା ନଦୀ ସଚ୍ଛତାର ଉଦାହରଣ ପାଲଟିଛି। ଜନସଂଖ୍ୟା, କଳ କାରଖାନା ବୃଦ୍ଧି ସମେତ ଅନ୍ୟାନ୍ୟ କାରଣ ଯୋଗୁ ଜଳ ଆଜି ପ୍ରଦୂଷିତ ହେଉଛି। ତେଣୁ ଜଳ ପ୍ରଦୂଷଣକୁ ରୋକିବାକୁ ହେବ। ନିଜ ଘର ସଫା ରଖିବା ସହ ଆମ ଅଞ୍ଚଳର ପରିବେଶ କିଭଳି ସଚ୍ଛ ରହିବ ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ପଡିବ ବୋଲି ବୈଠକରେ ଯୋଗଦେଇ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସଂଜୀବ କୁମାର ଦାସ ଶର୍ମା ଏବଂ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ବିଜ୍ଞାନ କୁମାର ସାହୁ ଯୋଗ ଦେଇଥିଲେ। ସରପଞ୍ଚ ଶିବରାମ ସାହୁ, ପାଣି ପଞ୍ଚାୟତ ସଭାପତି ଧନୁ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଞ୍ଜନଗର ସହକାରୀ ନିର୍ବାହୀଯନ୍ତ୍ରୀ ସୁମା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଆର୍ମି, ଗଣ ଯୋଗାଯୋଗ ଏବଂ ଡିଏଭି ସ୍କୁଲ ଛାତ୍ରୀଛାତ୍ର ଭାଗ ନେଇଥିଲେ।

## ଜମି ନିରୂପଣ ପାଇଁ ତାଲିମ

ଧରାକୋଟ, ୩୦।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ଭିଡିଓ କନଫରେନ୍ସ ମାଧ୍ୟମରେ ଖରିଫ ବାଣିଜ୍ୟକ ଋତୁ ୨୦୨୩/୨୪ ବର୍ଷ ପାଇଁ ଧାନ ସଂଗ୍ରହ ନିମନ୍ତେ ସନ୍ଦେହ ଜନକ ଜମି ନିରୁପଣ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶୀଲ ପଟନାୟକ, ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ, ବିପିଏ ବିଷ୍ଣୁ ପ୍ରସାଦ ବେହେରା, ବିପିଏମ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ଲକ ଅନ୍ତର୍ଗତ ସମସ୍ତ ସମବାୟ ସମିତି ସମ୍ପାଦକ, ଏସ୍‌ହେଚ ଜି ସଭାନେତ୍ରୀ, ସମ୍ପାଦିକାମାନେ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଧରାକୋଟ ବ୍ଲକରେ ୧୯ କେନ୍ଦ୍ରରେ ଚଳିତ ବର୍ଷ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି।

# ବୁଢ଼ାମ୍ବରେ ପୌରାଣିକ ନାଟକ



ନାଟକ ଉଦ୍‌ଘାଟନ କରୁଛନ୍ତି

କବିସୂର୍ଯ୍ୟନଗର,୩୦।୧୦(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବୁଢ଼ାମ୍ବଠାରେ ଅମରନାଥ ଯୁବକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଛି। ଏହି ଅବସରରେ ପୌରାଣିକ ନାଟକ " ସୁନାପୁଅ ଲାଗି ଝୁରେ ଅଯୋଧ୍ୟା ବା ଶ୍ରୀରାମ ଭକ୍ତ ମାରୁତି " ମଞ୍ଚସ୍ଥ ହୋଇଥିଲା। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଏହାର ଉଦଘାଟନ କରିଥିଲେ । ପଣ୍ଡାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳା, ସଂସ୍କୃତି, ଐତିହ୍ୟ ଭଲ ପାଉଥିବା ଏ ମାଟିକୁ ସେ ପ୍ରଶଂସା କରିବା ସହ ଆୟୋଜକ, ପରିଚାଳନା କମିଟିକୁ ସାଧୁବାଦ ଜଣାଇଥିଲେ । ସେହିପରି ହରିଜନ ସାହିରେ ମା ଦୁର୍ଗା ଯୁବକ ସଂଘ ପକ୍ଷରୁ ଆୟୋଜିତ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଣ୍ଡା ଉଦଘାଟନ କରିବା ସହ ଗ୍ରାମରେ ଶାନ୍ତି, ମୈତ୍ରୀ, ପ୍ରଗତି ଓ ଭାଇଚାରା ବଜାୟ ରଖିବାକୁ ଅନୁରୋଧ ରଖିଥିଲେ।

# ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୩୦।୧୦(ଗିରିଧାରୀ ପରିଛା)

ନୂଆଗଡ ବ୍ଲକ ଅନ୍ତର୍ଗତ ତାଙ୍ଗେଲି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍.କୁମାର ଯୋଗଦାନ କରି ତାଙ୍ଗେଲି ସମେତ ପୁଟ୍ଟୁରୁପଡ଼ା, ବେତାରସିଂ ଓ ଅତାରସିଂ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ ୮୦ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୨୨,ଗ୍ରାମ ଭିତ୍ତିକ ସମସ୍ୟା ୫୮ ଓ ୩ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ୩ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳ ସେଚନ, ଗୃହ ନିର୍ମାଣ, ରାସନ କାର୍ଡ, ମନରେଗା, ଶିକ୍ଷା, ମୋ ଘର ଯୋଜନା, ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ନୂଆଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ସ୍ଥାନୀୟ ସରପଞ୍ଚ, ତହସିଲଦାର ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କୁକୁର କାମୁଡ଼ାରେ ୧୧ ଆହତ

ବୁଗୁଡ଼ା,୩୦।୧୦(କଳୀଚରଣ ଦାଶ)

ବୁଗୁଡ଼ା ଅଞ୍ଚଳରେ ସୋମବାର ଏକ ପାଗଳ କୁକୁର କାମୁଡ଼ାରେ ୫ ଜଣ ମହିଳାଙ୍କ ସମେତ ୧୧ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଚିଲିଖମା ଗ୍ରାମର ବାବୁଲା ପ୍ରଧାନ, ବେତାରସିଂ ଗ୍ରାମର ଧିରେନ୍ଦ୍ର ପରିଡା, ଜଗତପାଟଣାର ପାଣ୍ଡି ବେହେରା, ଗୋଳାବନ୍ଧ ଗ୍ରାମର ଜ୍ୟୋସ୍ନା ଗୌଡ, ଖଇରାଛଟା ଗାଁର ଦିପକ ଗୌଡ, ବୁଗୁଡ଼ାର ଶାନ୍ତନୁ କୁମାର ପ୍ରଧାନ, ଅଂଶୁ ନାୟକ, ସୁରେନ୍ଦ୍ର ବାଡତ୍ୟା, ଶୁଭସ୍ମିତା ମହାରଣା ଓ ପ୍ରିୟା ସରକାର। ସମସ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପାଗଳା କୁକୁରଟି ପ୍ରଥମେ ଚିଲିଖମା ଗାଁରେ, ତା'ପରେ ଗୋଳାବନ୍ଧ ଓ ବେତାରସିଂ ଗ୍ରାମରେ କାମୁଡିବା ପରେ ବୁଗୁଡ଼ାର ବୁଦ୍ଧଖୋଲ ଛକରେ ଅନେକ ଲୋକଙ୍କ ଗୋଡକୁ କାମୁଡି ଥିଲା।

# ୧୭୧ ଅଭିଯୋଗ ଶୁଣିଲେ ଜିଲାପାଳ

ଶେରଗଡ,୩୦।୧୦(ସୂର୍ଯ୍ୟନାରାୟଣ ଦାଶ)




ଜିଲାପାଳ ସହାୟତା ବଣ୍ଟନ କରୁଛନ୍ତି।

ଶେରଗଡ ବ୍ଲକରେ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଭି କିର୍ତ୍ତୀ ଭାସନ ଯୋଗଦେଇ ବ୍ଲକର ୧୭୧ ଅଭିଯୋଗ ଶୁଣିଥିଲେ। ଭଞ୍ଜନଗର ଉପଜିଲାପାଳ ଅନୀଲ ସେଠୀ, ଛତ୍ରପୁର ଡେପୁଟି କଲେକ୍ଟର ଦିପ୍ତୀ ମୟୀ ପାତ୍ର, ବିଡିଓ ଶିବାଶିଷ ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ବ୍ଲକର ବିଭିନ୍ନ ଗ୍ରାମର ରାଶନ କାର୍ଡ, ଆବାସ ଯୋଜନା, ସ୍ୱାସ୍ଥ୍ୟ ସଂପର୍କିତ ସହାୟତା ସମ୍ପର୍କରେ ଦରଖାସ୍ତ କରିଥିଲେ। ଶେରଗଡର ଶୁଭମ ବେହେରାଙ୍କୁ ୨୫ହଜାର, ନିରଞ୍ଜନ ଗୌଡଙ୍କୁ ୫ ହଜାର, କରଡାକଣାର ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ୩ ହଜାର, ନରସିଂହ ରାଓଙ୍କୁ ୫ହଜାର ସହାୟତା ଚେକ ଆକାରରେ ଜିଲାପାଳ ପ୍ରଦାନ କରିଥିଲେ। ୭ଜଣଙ୍କୁ ମଧୁବାବୁ ପେନ୍‌ସନ ଓ ୨ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣୀ ସମୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ପରୱିନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଜିଲା ଯୋଗାଣ ଅଧିକାରୀ ପୁଷ ମୁଣ୍ଡା, ସହକାରୀ ଜିଲା ସ୍ୱାସ୍ଥ ଅଧିକାରୀ ଶିତାଂଶୁ ଶେଖର ଶତପଥୀ, ସହକାରୀ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ହରଭଙ୍ଗା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଅନିଲ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, ସହକାରୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ବନୋଜ କାନ୍ତ ସେଠୀ, ସହକାରୀ ଯନ୍ତ୍ରୀ ନାଳ ନର୍ଦ୍ଦମା ବେଣୁଗୋପାଳ ବେହେରା, ତହସିଲଦାର ତ୍ରିଦେବ ରଥ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

# ସ୍ୱଳ୍ପ ସଞ୍ଚୟ ସଚେତନତା ରଥ ଶୁଭାରମ୍ଭ

ଛତ୍ରପୁର,୩୦।୧୦(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)/ପାରଳାଖେମୁଣ୍ଡି(ଗିରିଧାରୀ ପରିଛା)/ ଫୁଲବାଣୀ (ରାକେଶ କୁମାର ରାଉତ)




ଛତ୍ରପୁରରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ରଥକୁ ସବୁଜ ପତାକା ଦେଖାଉଛନ୍ତି।

ଗଞ୍ଜାମ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ସୋମବାର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥ ବାହାରିଥିଲା। ଏହାକୁ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମିତବ୍ୟୟୀ ହେବା ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ବୋଲି କହିଥିଲେ। ଜମାରାଶି ନିର୍ଭରଯୋଗ୍ୟ ସଂସ୍ଥାରେ ବିନିଯୋଗ କରନ୍ତୁ ବୋଲି ଆର୍ଥିକ ସେବା ଓ ସଞ୍ଚୟ ସଙ୍ଗଠନ ବିଭାଗର ସହ ନିର୍ଦ୍ଦେଶକ ଧ୍ରୁବ ଚରଣ ନାୟକ କହିଥିଲେ। ସଚେତନତା ରଥର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପରିଚାଳନା କରିଥିବାବେଳେ ରାଜ୍ୟ ସ୍ୱଳ୍ପ ସଞ୍ଚୟ ଉପନିର୍ଦ୍ଦେଶକ ଶଙ୍କର୍ଷଣ ପଟ୍ଟନାୟକ, ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ଉପ ସଭାପତି ସତ୍ୟନାରାୟଣ ସାହୁ, କୋଷାଧ୍ୟକ୍ଷ ବିନୋଦ କୁମାର ରାଉତ, ପୁରୁଷୋତ୍ତମ ଚର୍ଚ୍ଚି, ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ପି. ପ୍ରଭାକର, ସୀମାଞ୍ଚଳ ସାହୁ, କ୍ଷୀରୋଦ ଚନ୍ଦ୍ର ରଥ, ସଦାଶିବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଜପତି ଜିଲା ପ୍ରଶାସନ ଓ ଜିଲା ସଞ୍ଚୟ ଓ ଆର୍ଥିକ ସେବା କାର୍ଯ୍ୟାଳୟ ପକ୍ଷରୁ ସ୍ୱଳ୍ପ ସଞ୍ଚୟର ଉପକାରିତା ସମ୍ବନ୍ଧରେ ଲୋକଙ୍କୁ ସଚେତନ ପାଇଁ ବାହାରିଥିବା ରଥକୁ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଜିଲା ସ୍ୱଳ୍ପ ସଞ୍ଚୟ ତଥା ବିତ୍ତୀୟ ସମାବେଶନ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମଇ, ସ୍ୱଳ୍ପ ସଞ୍ଚୟ ପ୍ରତିନିଧିଗଣ, ସ୍ୱଳ୍ପ ସଞ୍ଚୟ ବିଭାଗର କର୍ମଚାରୀ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସେହିପରି ଫୁଲବାଣୀରେ ଜିଲା ପ୍ରଶାସନ, ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ମିତବ୍ୟୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଞ୍ଚୟ ରଥ କନ୍ଧମାଳ ଜିଲା ପରିକ୍ରମା କରି ଲୋକମାନଙ୍କୁ ମିତବ୍ୟୟ ଓ ସଂଚୟ ଅଭ୍ୟାସ ଉପରେ ସଚେତନତା କରିବ। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଫୁଲବାଣୀ ବିଡିଓ ପ୍ରତୀକ୍ କୁମାର ସାହୁ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ଦୁର୍ନୀତି ନିବାରଣ ଶପଥ ପାଠ

ଗଞ୍ଜାମ,୩୦।୧୦(ବିଦ୍ୟାଧର ସାହୁ)



ଆସିକା ବିଜ୍ଞାନ କଲେଜରେ ଛାତ୍ରୀଛାତ୍ର ଶପଥ ପାଠ କରୁଛନ୍ତି ।

ଗଞ୍ଜାମ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ, ଦର୍ଶନ ଶାସ୍ତ୍ର ବିଭାଗର ପ୍ରାଧ୍ୟାପକ ସୀମାଞ୍ଚଳ ଭୋଳଙ୍କ ସଭାପତିତ୍ୱରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ସୀମାଞ୍ଚଳ ଏହି ସପ୍ତାହର ମହତ୍ୱ ବିଷୟରେ ଆଲୋଚନା ପୂର୍ବକ ବିଭିନ୍ନ ପ୍ରକାର ଦୁର୍ନୀତିଠାରୁ ଦୂରେଇ ରହିବା ସହ ଦୁର୍ନୀତି ନିବାରଣ ନିମନ୍ତେ ଶପଥ ପାଠ କରାଇଥିଲେ। ଏହି ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ତଥା ଷ୍ଟାଫ୍ କାଉନସିଲ୍ ସେକ୍ରେଟାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ରାଜନୀତି ବିଭାଗର ମୁଖ୍ୟ ତଥା ନାକ୍ କୋର୍ଡିନେଟର ଅମର ପ୍ରସାଦ ବିଷୋୟୀ, ଏକାଡେମୀକ୍ ବର୍ଷାର ରଜନୀକାନ୍ତ ପଟ୍ଟନାୟକ, ଇଂରାଜୀ ବିଭାଗର ମୁଖ୍ୟ ତଥା ଆଇକ୍ୟୁଏସ୍‌ଇ ସଂଯୋଜିକା ଡ଼ଃ ସ୍ମରଣିକା ହୋତା, ଆଡମିନିଷ୍ଟ୍ରେଟିଭ ବର୍ଷାର ମମତା ପାଢ଼ୀ, ଆକାଉଣ୍ଟାଣ୍ଟ ବର୍ଷାର ଡ଼ଃ ଦୁର୍ଗା ପ୍ରସାଦ ଦାଶ ମଞ୍ଚାସିନ ଥିଲେ। ଏହି ବୈଠକରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା ପ୍ରାଧ୍ୟାପକ, ଅଧ୍ୟାପିକା ଅଧ୍ୟାପକ ଏବଂ ଅଣଶିକ୍ଷକ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

**ଭଞ୍ଜନଗର,(ବାବୁଲା ପ୍ରଧାନ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ସୋମବାର କଲେଜ କର୍ମଚାରୀ ଏବଂ ଛାତ୍ରୀ ଛାତ୍ର ମାନେ ଯୋଗ ଦେଇ ଦୁର୍ନୀତି ନକରିବା ପାଇଁ ଶପଥ ନେଇଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଅମିୟ ରଞ୍ଜନ ପଣ୍ଡା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସେହିଭଳି ଭଞ୍ଜନଗର ବ୍ଲକରେ ମଧ୍ୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ବିଡିଓ ଶଶୀଭୂଷଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ।

**ଧରାକୋଟ(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶିଲ ପଟନାୟକ, ସିଡିପିଓ ସୁନୀଲ ପ୍ରଭା ରଥ, ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ବିପିଏମ ପ୍ରତାପ ସ୍ୱାଇଁ, ସମସ୍ତ କନିଷ୍ଠ ଯନ୍ତ୍ରୀମାନଙ୍କ ସହ ବିଭାଗୀୟ ମୁଖ୍ୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନସିସି ଅଫିସର ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ, ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ, ଅଜିତ କୁମାର ମୁନୀ, ଏନଏସଏସ ଅଧିକାରୀ ଧଙ୍ଗଡା ମାଝି, ପଦ୍ମାବତୀ ମଲିକ ପ୍ରମୁଖ ସାମିଲ ଥିଲେ । ଏତଦ ଅବସରରେ ଛାତ୍ରୀଛାତ୍ରଙ୍କୁ ଦୁର୍ନିତି ନିବାରଣ ଲାଗି ଶପଥପାଠ କରାଯାଇଥିଲା ।

